بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 4-5

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23-30 ଜାନୁଆରୀ 2020    23-30 ଫତାହ୍ 1399 ହି.ଶ    27 ଜମାଦିଲ୍ ଅୱ୍ୱଲ୍- 4 ଜମାଦିଲ୍ ସାନି 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

اَفَمَنِ اتَّبَعَ رِضۡوَانَ اللّٰہِ
کَمَنۡۢ بَآءَ بِسَخَطٍ مِّنَ اللّٰہِ
وَمَاۡوٰٮہُ جَہَنَّمُ ؕ
وَبِئۡسَ الۡمَصِیۡرُ۝

(163:آل عمران)

ଅନୁବାଦ- ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ପ୍ରସନ୍ନତାର ଅନୁଶରଣ କରେ ସେ କ'ଣ ସେପରି ବ୍ୟକ୍ତି ସଦୃଶ (ହୋଇପାରିବ) ଯେ, ଅଲ୍ଲାଃଙ୍କ ତରଫରୁ (ଅବତୀର୍ଣ୍ଣ ହୋଇଥିବା) ପ୍ରକୋପ ଘେନି ଫେରେ ଓ ତାହାର ବାସସ୍ଥାନ ନରକ ଥାଏ ? ଏବଂ ସେହି ସ୍ଥାନ (ଅବସ୍ଥାନ ଦୃଷ୍ଟିରୁ) ଅତ୍ୟନ୍ତ ମନ୍ଦ ଅଟେ ।

*(ଆଲେ ଇମରାନ୍: ୧୬୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ, ସବଳ, ଦୀର୍ଘାୟୁ, ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା, ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିʼଉମ୍‌ରିହି ୱ ଅମ୍‌ରିହି ॥**

**ଜରୁରୀ ଅଟେ ଯେ ପ୍ରଥମେ ମନୁଷ୍ୟ ନିଜର ବ୍ୟବହାରିକ କର୍ମ ବିଶ୍ୱାସ ଉପରେ ଦୃଷ୍ଟି ଦେଉ କାରଣ ଖୁଦାତାଲାଙ୍କର ଏ ଶୈଳୀ ଯେ, ଇସ୍‌ଲାହ୍ (ସଂସ୍କାର) ସାଧନ ମାଧ୍ୟମରେ ହିଁ ସାଧିତ ହୋଇଥାଏ । ସେ କୌଣସି ନା କୌଣସି ଏପରି ସାଧନ ସୃଷ୍ଟି କରିଦେଇଥାନ୍ତି ଯେ, ତାହା ଇସ୍‌ଲାହ୍ କରିବାର କାରଣ ହୋଇଯାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ହେଉଛି ସତ୍ୟକଥା କି, ଯେଉଁ ବ୍ୟକ୍ତି ବ୍ୟବହାରିକ କର୍ମ ଜରିଆରେ କାର୍ଯ୍ୟ ସମ୍ପାଦନ କରୁନାହିଁ ସେ ଦୁଆ କରୁନାହିଁ ବରଂ ଖୁଦାତାଲାଙ୍କୁ ପରୀକ୍ଷା କରିଥାଏ । ତେଣୁ ଦୁଆ କରିବା ପୂର୍ବରୁ ନିଜର ସମସ୍ତ ଶକ୍ତିକୁ ଖର୍ଚ୍ଚ କରିବା ଜରୁରୀ ଅଟେ । ଏବଂ ଏ ଦୁଆର ଅର୍ଥ ହେଉଛି ଏପରି । ଜରୁରୀ ଅଟେ ଯେ ପ୍ରଥମେ ମନୁଷ୍ୟ ନିଜର ବ୍ୟବହାରିକ କର୍ମ ବିଶ୍ୱାସ ଉପରେ ଦୃଷ୍ଟି ଦେଉ କାରଣ ଖୁଦାତାଲାଙ୍କର ଏ ଶୈଳୀ ଯେ, ଇସ୍‌ଲାହ୍ (ସଂସ୍କାର) ସାଧନ ମାଧ୍ୟମରେ ହିଁ ସାଧିତ ହୋଇଥାଏ । ସେ କୌଣସି ନା କୌଣସି ଏପରି ସାଧନ ସୃଷ୍ଟି କରିଦେଇଥାନ୍ତି ଯେ, ତାହା ଇସ୍‌ଲାହ୍ କରିବାର କାରଣ ହୋଇଯାଏ । ସେହି ଲୋକମାନେ ଏ ସ୍ଥାନ ଉପରେ ଟିକିଏ ବିଶେଷ ଚିନ୍ତା କରନ୍ତୁ ଯେଉଁମାନେ ଏକଥା କହୁଛନ୍ତି ଯେ, ଯେବେ ଦୁଆ କରାଯାଇଅଛି ତେବେ ସାଧନର କ'ଣ ଆବଶ୍ୟକତା ରହିଛି । ସେହି ଅବୋଧମାନେ ଚିନ୍ତା କରନ୍ତୁ ଯେ, ଦୁଆ ନିଜେ ହିଁ ଗୋଟିଏ ଲୁକ୍କାୟିତ ସାଧନ ଯାହା ଅନ୍ୟାନ୍ୟ ସାଧନଗୁଡ଼ିକୁ ସୃଷ୍ଟି କରିଦେଇଥାଏ ଏବଂ ***ଇଆକା ନାବୁଦୁ*** ର ଆଗକୁ ***ଇଆକା ନସ୍ତଇନ୍*** ରେ ଯେଉଁ ପ୍ରାର୍ଥନା ମୁଳକ ବାଣୀ ରହିଛି ତାହା ଏକଥାକୁ ବିଶେଷ ରୂପେ ବ୍ୟାଖ୍ୟା କରୁଅଛି ସୁତରାଂ ଅଲ୍ଲାଃଙ୍କ କାର୍ଯ୍ୟ ଆମେ ଏହିପରି ଦେଖୁଅଛେ ଯେ, ସେ ସାଧନଗୁଡ଼ିକୁ ସୃଷ୍ଟି କରିଦେଉଛନ୍ତି । ଦେଖ ତୃଷ୍ଣା ମେଂଟାଇବା ପାଇଁ ପାଣି ଏବଂ ଭୋକ ମେଂଟାଇବା ପାଇଁ ଖାଦ୍ୟ ଯୋଗାଇ ଦେଇଥାଏ କିନ୍ତୁ ସାଧନ ଜରିଆରେ । ସୁତରାଂ ଏହି ସାଧନର ଧାରା ଏହିପରି ଚାଲିଥାଏ ଏବଂ ସାଧନର ସୃଷ୍ଟି ନିଶ୍ଚିତରୂପେ ହୋଇଥାଏ କାରଣ ଖୁଦାତାଲାଙ୍କର ଏହି ଦୁଇଟି ନାମ ହିଁ ଅଛି ଯେପରି ମୌଲୱି ମୁହମ୍ମଦ୍ ଅହ୍‌ସନ୍ ସାହେବ ଏକଥା କହିଥିଲେ ଯେ, ***କାନଲ୍ଲାହୁ ଅଜିଜମ୍ ହକିମା*** (ନିସାଆ : ୧୫୯) ଅଜିଜ୍ ହେଉଛି ଏହା କି ପ୍ରତ୍ୟେକ କାର୍ଯ୍ୟକୁ କରିଦେବା ଏବଂ ହକିମ୍ ହେଉଛି ଏହା କି, ପ୍ରତ୍ୟେକ କାର୍ଯ୍ୟ ବୁଦ୍ଧିମତାର ସହିତ ତାହାକୁ ଉଚିତ ଢ଼ଙ୍ଗରେ ସମ୍ପାଦନ କରିବା । ଦେଖ ଉଦ୍ଭିଦ ଓ ଜଡ଼ପଦାର୍ଥ ଗୁଡ଼ିକରେ ବିଭିନ୍ନ ପ୍ରକାରର ବିଶେଷତାଃ ରଖାଯାଇଅଛି । ତରବଦ୍ (ଯାହା ହେଉଛି ଏକ ପ୍ରକାରର ପ୍ରାକୃତିକ ଔଷଧ)କୁ ହିଁ ଦେଖିନିଅ ଯେ ତାହା ଏକ ବା ଦୁଇ ଭରି (ପ୍ରୟୋଗରେ) ଝାଡ଼ା କରାଇଦିଏ, ସେହିପରି ସକୁନିଆ । ଅଲ୍ଲାଃ ତାଲା ଏ ଶକ୍ତି ରଖିଛନ୍ତି ଯେ ଏମିତି ହିଁ ଝାଡ଼ା ହୋଇଯିବ ବା ବିନା ପାଣିରେ ଶୋଷ ମେଟିଂଯିବ କିନ୍ତୁ ଯେହେତୁ ପ୍ରକୃତିର ଚମତ୍କାରକୁ ଜଣାଇବା ମଧ୍ୟ ଜରୁରୀ ଥିଲା । କାରଣ ଯେତେ ମାତ୍ରାରେ ବିଜ୍ଞତା ଏବଂ ପ୍ରକୃତିଗତ ଚମତ୍କାରିତାର ଜ୍ଞାନ ବ୍ୟାପକ ହୋଇଚାଲିଥାଏ ସେତେମାତ୍ରାରେ ମନୁଷ୍ୟ ଅଲ୍ଲାଃଙ୍କ ବିଶେଷଗୁଣ ଗୁଡ଼ିକ ସହିତ ପରିଚିତ ହୋଇ ସାନ୍ନିଧ ପ୍ରାପ୍ତ କରିବାରେ ଯୋଗ୍ୟ ବିବେଚିତ ହୋଇଥାଏ । ଚିକିତ୍ସାଶାସ୍ତ୍ର, ଖଗୋଳବିଦ୍ୟା ଦ୍ୱାରା ହଜାର ହଜାର ବୈଶିଷ୍ଟ୍ୟତା ଜଣା ପଡ଼ିଥାଏ ।

### ପଦାର୍ଥଗୁଡିକର ବୈଶିଷ୍ଟ୍ୟତା ଜାଣିବାର ନାମ ହିଁ ଜ୍ଞାନ

ଜ୍ଞାନ କ'ଣ ? କେବଳ ପଦାର୍ଥର ବିଶେଷ ଗୁଣ ଜାଣିବାର ନାମ । ଗ୍ରହନକ୍ଷତ୍ର. ଜଡ଼ପଦାର୍ଥ ଗୁଡ଼ିକ ମଧ୍ୟରେ ଯଦି ବୈଶିଷ୍ଟ୍ୟତା ନ ରଖିଥାନ୍ତା ତେବେ ଅଲ୍ଲାଃ ତାଲାଙ୍କ ବିଶେଷଗୁଣ ଅଲିମ୍ (ଅର୍ଥାତ ସର୍ବଜ୍ଞାନୀ) ହେବା ଉପରେ ବିଶ୍ୱାସ ଆଣିବା ମନୁଷ୍ୟପାଇଁ କଷ୍ଟକର ହୋଇଯାଆନ୍ତା ।

ଏହା ନିଶ୍ଚିତ ଯେ ଆମ ଜ୍ଞାନର ଆଧାର ହେଉଛି ପଦାର୍ଥର ବୈଶିଷ୍ଟ୍ୟତା । ଏହାର ଉଦ୍ଦେଶ୍ୟ ହେଉଛି ଏହା କି ଆମେ ବିଜ୍ଞାନ ଶିଖିବା ଉଚିତ । ଜ୍ଞାନର ନାମ ମଧ୍ୟ ବିଜ୍ଞାନ ରଖାଯାଇଛି । ସୁତରାଂ (ଅଲ୍ଲାଃ) କହିଛନ୍ତି: **ୱମଇଂ ୟୁତଲ୍ ହିକ୍‌ମତା ଫକଦ୍ ଉତି ଖୈରନ୍ କସିରନ୍** **(ଅଲ୍‌ବକ୍‌ରାଃ: ୨୭)**

### ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ର ଉଦ୍ଦେଶ୍ୟ

ସୁତରାଂ ଏହାଦନସ୍ ସିରାତଲ୍ ମୁସ୍‌ତକିମ୍‌ର ଉଦ୍ଦେଶ୍ୟ ହେଉଛି ଏହା କି ଏହି ଦୁଆ ସମୟରେ ସେହି ଲୋକମାନଙ୍କ କର୍ମ, ଚରିତ୍ର ଓ ଆସ୍ଥା / ବିଶ୍ୱାସକୁ ନକଲ କରିବା ଉଚିତ ଯେଉଁମାନେ ହେଉଛନ୍ତି ମୁନ୍‌ଅମ୍ ଆଲୈହିମ୍ (ଅର୍ଥାତ: ଯାହାଙ୍କୁ ଐଶିପୁରସ୍କାର ପ୍ରାପ୍ତ ହୋଇଛି) । ମନୁଷ୍ୟ ଯଥା ସମ୍ଭବ ବିଶ୍ୱାସ, ଚରିତ୍ର ଏବଂ କର୍ମ ଦ୍ୱାରା କାର୍ଯ୍ୟ ସମ୍ପାଦନ କରୁ । ଏକଥା ତୁମେ ପ୍ରତ୍ୟକ୍ଷରୂପେ ଦେଖିପାରୁଥିବ କି, ଯେ ପର୍ଯ୍ୟନ୍ତ ମନୁଷ୍ୟ ନିଜ ଅଙ୍ଗପ୍ରତ୍ୟେଙ୍ଗ ଦ୍ୱାରା କାର୍ଯ୍ୟ ସମ୍ପାଦନ କରିନଥାଏ ସେ ପର୍ଯ୍ୟନ୍ତ ସେ ଉନ୍ନତି କରିପାରେ ନାହିଁ ବା ତାକୁ ଅସଲ ଉଦ୍ଦେଶ୍ୟରୁ ବିଚ୍ୟୁତ କରାଇ ଆଉ କିଛି କାର୍ଯ୍ୟ ତା ସାହାଯ୍ୟରେ କରିଥାଏ, ଯାହା ପାଇଁ ତାହା ସୃଷ୍ଟି ହୋଇନାହିଁ ତା ହେଲେ ମଧ୍ୟ ଉନ୍ନତିର ମାର୍ଗରେ ଅଗ୍ରସର ହେବ ନାହିଁ ।

ଯଦି ଆଖିକୁ ଚାଳିଶି ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଏ ତେବେ ତାହାର ଦେଖିବା ଶକ୍ତି ନଷ୍ଟ ହୋଇଯିବ । ସୁତରାଂ ଏହା ଜରୁରୀ ଅଟେ ଯେ ପ୍ରଥମେ ଅଙ୍ଗପ୍ରତ୍ୟେଙ୍ଗକୁ ତାହାର ପ୍ରାକୃତିକ କାର୍ଯ୍ୟରେ ବିନିଯୋଗ କରାଗଲେ ଆହୁରି ଅଧିକା ମଧ୍ୟ ମିଳିବ । ଆମ ନିଜର ଅଭିଜ୍ଞତା ରହିଛି ଯେ ଯେଉଁଠି ବ୍ୟବହାରିକ ଶକ୍ତିଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଏ ସେଠାରେ ଅଲ୍ଲାଃ ତାଲା ବର୍‌କତ୍ ପ୍ରଦାନ କରିଥାନ୍ତି । ଉଦ୍ଦେଶ୍ୟ ହେଉଛି ଏହା କି ପ୍ରଥମତଃ ବିଶ୍ୱାସ, ଚରିତ୍ର ଓ କର୍ମକୁ ଠିକ୍ କର । ପୁଣି ତା'ପରେ ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍‌ର ଦୁଆ ମାଗ, ତେବେ ଯାଇ ତାହାର ପ୍ରଭାବ ସମ୍ପୁର୍ଣ୍ଣ ରୂପେ ପ୍ରକାଶ ହେବ ।

### ଉମ୍ମତେ ମର୍‌ହୁମା କହିବାର ତାତ୍ପର୍ଯ୍ୟ

ବିଶେଷ ରୂପେ ଜଣାପଡୁଛି ଯେ ଏହି ଉମ୍ମତେ ମର୍‌ହୁମା ଏପରି ଏକ ଯୁଗରେ ଜନ୍ମ ହୋଇଛି ଯେ ତା' ପାଇଁ ବିପଦ ସୃଷ୍ଟି ହେବାକୁ ଲାଗିଛି । ମନୁଷ୍ୟର କାର୍ଯ୍ୟକଳାପ ପାପ ଓ ଅପରାଧ ପ୍ରତି ଏପରି ବଢ଼ିଚାଲିଛି ଯେପରି ଗୋଟିଏ ପଥର ଉପରୁ ତଳକୁ ଖସିପଡୁଛି । ଉମ୍ମତେ ମର୍‌ହୁମା ଏଥିପାଇଁ ବୋଲାଉଛି ଯେ ପାପର ପ୍ରଭାବ ବଢ଼ିଯାଇଛି । ଯେମିତି କି ଅଲ୍ଲାଃ ତାଲା କହିଛନ୍ତି: **ଜହରଲ୍ ଫସାଦୁ ଫିଲ୍ ବର୍‌ରି ୱଲ୍‌ବହ୍‌ରି** (ରୋମ୍ :୪୨) ଏବଂ ଅନ୍ୟତ୍ର କହିଛନ୍ତି: **ୟୁହ୍‌ୟିଲ୍ ଅର୍‌ଜା ବାଦା ମୌତିହା** (ରୋମ୍ : ୨୦) ଏହି ସମସ୍ତ ଆୟତ ଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କଲେ ଜଣାପଡୁଛି ଯେ ଏହି ଦୁଇଟି ଆୟତରେ ଅଲ୍ଲାଃ ତାଲା ଦୁଇଟି ନକ୍ସା ଦେଖାଇଛନ୍ତି । ପ୍ରଥମ ବର୍ଣ୍ଣିତ (ଆୟତ)ରେ ସେ ଯୁଗର (ନକ୍ସା ଟଣା ହୋଇଛି) ଯେଉଁଥିରେ ଆମ ନବୀ ସ:ଆ:ସ ଜନ୍ମ ନେଇଥିଲେ । ସେ ସମୟରେ ଯେହେତୁ ଦୁନିଆର ଅବସ୍ଥା ବହୁତ ଦୟନିୟ ହୋଇଯାଇଥିଲା । ଚରିତ୍ର, କର୍ମ, ଆସ୍ଥା ଓ ବିଶ୍ୱାସର ଚିହ୍ନ ବର୍ଣ୍ଣ ଉଠି ଯାଇଥିଲା ତେଣୁ ଏହାକୁ ଉମ୍ମତେ ମର୍‌ହୁମା କୁହାଗଲା କାରଣ ସେ ସମୟରେ ଅତ୍ୟନ୍ତ କରୁଣାର ଆବଶ୍ୟକ ଥିଲା ସେଥିପାଇଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କୁହାଗଲା ଯେ **ମା ଅର୍‌ସଲ୍‌ନାକା ଇଲ୍ଲାଃ ରହ୍‌ମତଲ୍ ଲିଲ୍ ଆଲମୀନ୍** (ଅମ୍ବିୟା : ୧୦୮)

ଏପରି ବ୍ୟକ୍ତିକୁ ଦୟାର ପାତ୍ର କୁହାଯାଏ ଯାହାକୁ ସାପ ରହୁଥିବା ଭୁମିରେ ଚାଲିବାକୁ ନିର୍ଦ୍ଦେଶ ହୋଇଥିବ । ଅର୍ଥାତ ବଡ଼ ବଡ଼ ବିପଦ ଓ ଭିଷଣ ଆପଦ ଲାଗି ରହିଥିବ । ସୁତରାଂ ଉମ୍ମତେ ମର୍‌ହୁମା ଏଥିପାଇଁ କୁହାଗଲା ଯେ ଏହା ଦୟାର ପାତ୍ର ଅଟେ । ଯେବେ ମନୁଷ୍ୟକୁ

କଠିନ କାର୍ଯ୍ୟ କରିବାକୁ ଦିଆଯାଏ ସେତେବେଳେ ସେହି କଠିନତା ଦୟାର ପାତ୍ର ହୋଇଥାଏ । ଦୁଷ୍ଟାମିରେ ପରିପୂର୍ଣ୍ଣ ଓ ଖଳ ପ୍ରକୃତିସମ୍ପନ୍ନ ଅଭଦ୍ରମାନଙ୍କ ସହିତ ସମ୍ମୁଖିନ ହେବା ଏବଂ ପୁଣି ଉମ୍ମି (ନିରକ୍ଷର) ଯେମିତି ହଜରତ ଭାଷିଛନ୍ତି ଯେ ଆମ୍ଭେ ହେଉଛୁ ଉମ୍ମି ଏବଂ ହିସାବ ଜାଣିନାହାନ୍ତି । ସୁତରାଂ ଉମ୍ମିମାନଙ୍କୁ ଦୁଷ୍ଟ ଜାତି ଏବଂ ଛଳକପଟ ଓ ଦୁଷ୍ଟାମିରେ ଅଭିଜ୍ଞ ଥିବା ଲୋକମାନଙ୍କର ମୁକାବିଲା କରିବାକୁ ପଡ଼ିଲା । ସେଥିଯୋଗୁଁ ତାହାର ନାମ ଉମ୍ମତେ ମରହୁମା ରଖିଲେ । ମୁସଲମାନମାନଙ୍କୁ କେତେ ଖୁସି ହେବା ଉଚିତ ଯେ ଅଲ୍ଲାଃ ତାଲା ସେମାନଙ୍କୁ ଦୟାର ପାତ୍ର ବୋଲି ବିବେଚନା କରିଛନ୍ତି । ପ୍ରଥମେ ଉପଦେଶ ପ୍ରଦାନକାରୀ ଅମ୍ବିୟାମାନେ ଏମିତି ସମୟରେ ଆସୁଥିଲେ ଯେ ଲୋକମାନେ ଛଳ ଓ କପଟତା ଜାଣିନଥିଲେ ଏବଂ କେତେକ ନିଜ କୌମ ଭିତରେ ଆସୁଥିଲେ କିନ୍ତୁ ଏବେ ଲୋକମାନେ ଛଳକପଟ, ସାଂସାରୀକ ଜ୍ଞାନ ଓ କୌଶଳ ଏବଂ ଦର୍ଶନ ଓ ବିଜ୍ଞାନରେ ପକା ପ୍ରବୀଣ ଅଛନ୍ତି । ସଦାଚାରୀମାନଙ୍କୁ ଏହି ସଂସାରର ବ୍ୟବହାରୀକ ଜ୍ଞାନ, ଭୌତିକ ଜ୍ଞାନ ଓ ତାହା ଭିତରେ ନିହିତ ଥିବା ଯୋଜନା ଓ କୌଶଳ ସହିତ ବହୁତ କମ୍ ସମ୍ପୃକ୍ତି ରହିଛି । ଗୋଟିଏ ହଦିସ୍‌ରେ ଆସିଛି ଯେ ହେ ଇସା ଆ:ସ ! ମୁଁ ତୁମ ପରେ ଗୋଟିଏ ସମ୍ପ୍ରଦାୟକୁ ସୃଷ୍ଟି କରିବି ଯିଏ ନା ତ ବୁଦ୍ଧି ରଖିଥିବ ନା ଜ୍ଞାନ । ଅର୍ଥାତ ଉମ୍ମି (ନିରକ୍ଷର) ହେବ । ସେ କହିଲେ ୟା ରବ୍‌ବି କୈଫା ୟାରିଫୁନକା ? ହେ ଅଲ୍ଲାଃ ଯଦି ସେ ଜ୍ଞାନ ଓ ବୁଦ୍ଧି ରଖିନଥିବେ ତେବେ ତୁମ୍ଭକୁ କିପରି ଚିହ୍ନିବେ ? ଅଲ୍ଲାଃ ତାଲା କହିଲେ ମୁଁ ନିଜର ଜ୍ଞାନ ଓ ବୁଦ୍ଧି ପ୍ରଦାନ କରିବି ।

*(ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୦୬-୧୦୯, ପ୍ରକାଶନ ୨୦୧୮ କାଦିଆନ୍)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅଲ୍ଲାଃଙ୍କ ରସୁଲ ଏହା ପ୍ରତିବଦଳରେ ଆମକୁ କ'ଣ ମିଳିବ ? **ହଜୁର ସ.ଅ କହିଲେ ତୁମମାନଙ୍କୁ ନିଜ ପ୍ରଭୁଙ୍କ ବୈକୁଣ୍ଠ ପ୍ରାପ୍ତି ହେବ ଯାହାକି ତାଙ୍କର ସମସ୍ତ ପୁରସ୍କାର ଠାରୁ ସର୍ବଶ୍ରେଷ୍ଠ ଅଟେ** । ସମସ୍ତେ ଏକଶ୍ୱରରେ କହିଲେ ଆମେ ଏହି ବେପାର ସ୍ୱୀକାର କରୁଅଛୁ । ହେ ଅଲ୍ଲାଃଙ୍କ ରସୁଲ ଆପଣ ନିଜ ହସ୍ତ ଆଗକୁ କରନ୍ତୁ । ହଜୁର ନିଜର ପବିତ୍ର ହସ୍ତ ଆଗକୁ ବଢାଇଲେ ଏବଂ ୭୦ଜଣ ଉର୍ତ୍ସର୍ଗୀ ଆପଣଙ୍କ ହସ୍ତରେ ନିଜକୁ ବିକ୍ରି କରିଦେଲେ । **ଏହି ବୈଅତର ନାମ ହେଉଛି ବୈଅତେ ଉକବା ସାନିଆ ।**

ଯେତେବେଳେ ବୈଅତ କାର୍ଯ୍ୟକ୍ରମ ସମାପ୍ତ ହେଲା ହଜୁର ସ.ଅ କହିଲେ ହଜରତ ମୁସା ନିଜ ଅନୁଯାୟୀମାନଙ୍କ ମଧ୍ୟରୁ ୧୨ଜଣ ନକିବ୍ ଚୟନ କରିଥିଲେ ଯେଉଁମାନେ ମୁସାଙ୍କ ତରଫରୁ ସମସ୍ତ ଅନୁଯାୟୀମାନଙ୍କର ଦେଖାଶୁଣା ଓ ସୁରକ୍ଷା ଦାୟିତ୍ୱରେ ମୁତୟନ ଥିଲେ । ମୁଁ ମଧ୍ୟ ତୁମମାନଙ୍କ ମଧ୍ୟରୁ ୧୨ଜଣ ନକିବ୍ ଚୟନ କରିବାକୁ ଚାହୁଁଅଛି ଯେ ତୁମମାନଙ୍କ ଦେଖାଶୁଣା ଓ ସୁରକ୍ଷା ପ୍ରଦାନ କରିବେ ଏବଂ ସେମାନେ ମୋ ପାଇଁ ଇସାଙ୍କ ହୱାରୀ ଅର୍ଥାତ ସହଯୋଗି ମାନଙ୍କପରି ହେବେ ତଥା ମୋ ସମ୍ମୁଖରେ ନିଜ ଗୋଷ୍ଠୀର ଉତରଦାୟୀ ହେବେ । ଅତଃ ତୁମେ ଏଥିପାଇଁ ଉପଯୁକ୍ତ ବ୍ୟକ୍ତିମାନଙ୍କ ନାମକୁ ଚୟନ କରି ମୋତେ କୁହ । ଅତଏବ ୧୨ଜଣ ବ୍ୟକ୍ତି ନିର୍ବାଚିତ ହେଲେ ଯାହାଙ୍କୁ ଆପଣ ସ୍ୱୀକୃତି ପ୍ରଦାନ କଲେ ଏବଂ ତାଙ୍କୁ ଗୋଟିଏ ଗୋଟିଏ କବିଲାର ମୁଖିଆ କରିଦେଲେ ତଥା ସେମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଅବଗତ ମଧ୍ୟ କରାଇଦେଲେ । ଆଉ କେତେକ ଗୋଷ୍ଠୀ ପାଇଁ ଦୁଇ ଦୁଇ ଜଣ ନକିବ୍ ଧାର୍ଯ୍ୟ କରିଥିଲେ । ଯେତେବେଳେ ନକିବ୍ ମାନଙ୍କର ଚୟନ ହୋଇସାରିଲା ଏଥିଅନ୍ତେ ହଜୁର ସ.ଅଙ୍କ ଚଚା ହଜରତ ଅବ୍‌ବାସ ବିନ୍ ମୁତଲିବ୍ ଅନସାରମାନଙ୍କୁ ସଚେତନ କଲେ କି ବର୍ତମାନ ତୁମମାନଙ୍କୁ ବେଶ୍ ସଜାଗ ଓ ବୁଦ୍ଧିମାନର ସହିତ କାର୍ଯ୍ୟ କରିବାକୁ ହେବ କାରଣ କୁରେଶଙ୍କ ଗୁପ୍ତଚର ପ୍ରତ୍ୟେକ ଦିଗରେ ନଜର ରଖି ବସିଛନ୍ତି, ଏପରି ନହେଉ କି ଏହି ଯୋଜନାର ଖବର ସେମାନଙ୍କୁ ହୋଇଯାଉ ଏବଂ ତୁମେମାନେ ଅସୁବିଧାରେ ପଡ଼ିଯାଅ । ଏବେ ସେ ଏହିପରି ତାଗିଦ୍ କରୁଥିଲେ ଯେ, ବୋଧ ହୁଏ ଘାଟି ଉପରୁ ରାତ୍ରିର ଅନ୍ଧକାରରେ କୌଣସି ଏକ ସୈତାନର ଆବାଜ ଆସିଲା ଅର୍ଥାତ କେହି ଜଣେ ଲୁଚିଥିଲା ଓ ଗୁପ୍ତଚରଗିରି କରୁଥିଲା ଯେ ହେ କୁରୈଶ୍ ! ତୁମକୁ କିଛି ଖବର ଅଛି କି ଏଠାରେ (ନୌଜୁବିଲ୍ଲାଃ) ମୁଜମ୍ମ ଏବଂ ତାହାଙ୍କ ସାଥିମାନେ ତୁମ ବିରୋଧରେ କିପ୍ରକାରର ଯୋଜନା କରୁଛନ୍ତି ? ଏହି ଶବ୍ଦଟି ସମସ୍ତଙ୍କୁ ଚକିତ କରିଦେଲା କିନ୍ତୁ ଆଁ ହଜରତ ସ:ଆ:ସ ବିଲ୍‌କୁଲ୍ ଶାନ୍ତ ରହିଲେ ଓ କହିଲେ ଯେଏବେ ଆପଣମାନେ ଯେଉଁଭଳି ଆସିଥିଲେ ସେହିଭଳି ଜଣଜଣ ହୋଇ ଓ ଦୁଇଦୁଇ ଜଣ ହୋଇ ନିଜ ଆବାସସ୍ଥଳୀକୁ ଫେରିଯାଅ । ଅବାସ୍ ବିନ୍ ନଜ୍‌ଲା ଅନ୍‌ସାରୀ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମକୁ କାହାର ଭୟ ନାହିଁ ଯଦି ନିର୍ଦ୍ଦେଶ ହେବ ତେବେ ଆମେ ଆଜି ସକାଳେ ହିଁ ସେହି କୁରୈଶ୍‌ଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ସେମାନଙ୍କ ଅତ୍ୟାଚାରର ମଜା ଚଖାଇ ଦେବୁ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ନାହିଁ ନାହିଁ ମତେ ଏ ପର୍ଯ୍ୟନ୍ତ ଏହାର ଅନୁମତି ନାହିଁ । ସୁତରାଂ ତୁମେ କେବଳ ଏହା କର ଯେ, ନିରବତାର ସହିତ ନିଜ ନିଜ ଆବାସସ୍ଥଳୀକୁ ପ୍ରତ୍ୟାବର୍ତନ କରି ଚାଲିଯାଅ । ଏକଥାରେ ସବୁ ଲୋକମାନେ ଜଣଜଣ ଓ ଦୁଇଦୁଇ ଜଣ ହୋଇ ପାଦ ଚିପିଚିପି ଘାଟିରୁ ବାହାରି ଚାଲିଗଲେ । ଏବଂ ଆଁ ହଜରତ ସ:ଆ:ସ ମଧ୍ୟ ନିଜ ଚାଚା ଅବାସ୍‌ଙ୍କ ସହିତ ଲେଉଟି ମକ୍କା ଚାଲିଗଲେ । କୁରୈଶ୍‌ଙ୍କ କାନରେ ଯେହେତୁ ଏକଥା ପଡ଼ିଥିଲା ଯେ, ଏହିପରି ଗୋଟିଏ ଗୁପ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଛି ତେଣୁ ସେମାନେ ସକାଳ ହେବା ମାତ୍ରେ ହିଁ ମଦିନାର ଲେକମାନେ ରହୁଥିବା ସ୍ଥାନକୁ ଯାଇ କହିଲେ ଯେ, ଆପଣମାନଙ୍କ ସହିତ ଆମର ବହୁତ ପୁରୁଣା ସମ୍ପର୍କ ରହିଛି ତେଣୁ ଆମେ କଦାପି ଚାହୁଁନାହୁଁ କି, ସେହି ସମ୍ପର୍କକୁ ଖରାପ କରିଦେଉ କିନ୍ତୁ ଆମେ ଏକଥା ଶୁଣିଛୁ ଯେ, ଗତ ରାତିରେ ମୁହମ୍ମଦ (ସ:ଆ:ସ)ଙ୍କ ସହିତ ଆପଣମାନଙ୍କର କୌଣସି ଗୁପ୍ତ ଚୁକ୍ତି ବା ସନ୍ଧି ହୋଇଛି ଏହା କି ପ୍ରକାର ମାମଲା ? ଔସ୍ ଏବଂ ଖଜ୍‌ରଜ୍ କବିଲାର ଯେଉଁମାନେ ପିତୁଳା ପୂଜା କରୁଥିଲେ ସେମାନଙ୍କୁ ଯେହେତୁ ଏଘଟଣା ବିଷୟରେ କୌଣସି ଏତଲା ନଥିଲା ତେଣୁ ସେମାନେ ଭୀଷଣ ଆଶ୍ଚର୍ଯ୍ୟ ହେଲେ ଓ ସ୍ପଷ୍ଟରୂପେ ମନା କରିଦେଲେ ଯେ, କଦାପି ଏପରି କୌଣସି ଘଟଣା ଘଟିନାହିଁ । ଅବଦୁଲ୍ଲାଃ ବିନ୍ ଉବୈ ବିନ୍ ସଲୁଲ୍ ମଧ୍ୟ ଯିଏ ପରେ ମଦିନାର ମୁନାଫିକ୍‌ମାନଙ୍କର ସର୍ଦ୍ଦାର ହୋଇଥିଲା, ସେ ମଧ୍ୟ ଏହି ଦଳରେ ସାମିଲ ଥିଲା ସେ କହିଲା ଏପରି କଦାପି ହୋଇନପାରେ ଭଲା ଏହା କିପରି ସମ୍ଭବ ଯେ, ମଦିନାରୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ ମାମଲା ନିର୍ଦ୍ଧାରିତ କରିବେ ଓ ମତେ ଏହାର ଏତଲା ନଥିବ ? ସୁତରାଂ ଏହିପରି କୁରୈଶ୍‌ର ସନ୍ଦେହ ଦୂର ହୋଇଗଲା ଏବଂ ସେମାନେ ସେଠାରୁ ଲେଉଟି ଆସିଗଲେ ଓ ତାହାର କିଛି ସମୟ ପରେ ଅନ୍‌ସାର ମାନେ ମଧ୍ୟ ମଦିନା ଆଡ଼କୁ ଯାତ୍ରା ଆରମ୍ଭ କରିଦେଲେ କିନ୍ତୁ ସେମାନେ ବାହାରିଯିବା ପରେ କୁରୈଶ୍‌ଙ୍କୁ କିପରି ଭାବେ ଉକ୍ତ ଖବରର ସତ୍ୟତା ମିଳିଗଲା ଯେ, ବାସ୍ତବରେ ମଦିନାର ଲୋକମାନେ ଆଁ ହଜରତ ସ:ଆ:ସଙ୍କ ସହିତ କୌଣସି ଏକ ଚୁକ୍ତି ଓ ସନ୍ଧି କରିଛନ୍ତି । ତେଣୁ ସେମାନଙ୍କ ମଧ୍ୟରୁ କେତେକ ଲୋକ ମଦିନା ନିବାସୀଙ୍କ ଅନୁଧାବନ କଲେ । କାଫିଲା ତ ଆଗକୁ ବାହାରି ଚାଲିଯାଇଥିଲା କିନ୍ତୁ ସାଆଦ୍ ବିନ୍ ଉବାଦାଃ କୌଣସି କାରଣ ଯୋଗୁଁ ପଛରେ ରହିଯାଇଥିଲେ ତେଣୁ ତାଙ୍କୁ ଏମାନେ ଧରିଆଣି ମକ୍କାର ପଥୁରିଆ ଭୁଇଁ ଉପରେ ଖୁବ୍ କଷଣ ଦେଲେ ଏବଂ ମୁଣ୍ଡର କେଶକୁ ଧରି ଏଣୁତେଣୁ ଘୋଷାଡ଼ିଲେ ପରିଶେଷରେ ଜୁବୈର୍ ବିନ୍ ମୁତ୍‌ଇମ୍ ଏବଂ ହାରିସ୍ ବିନ୍ ହରବ୍‌ଙ୍କୁ ଏତଲା ମିଳିଲା ଯିଏ ସାଆଦ୍‌ଙ୍କ ପରିଚିତ ଥିଲେ । ତେଣୁ ସେ ତାଙ୍କୁ ଅତ୍ୟାଚାରୀ କୁରୈଶ୍‌ଙ୍କ ହାତରୁ ମୁକୁଳାଇଲେ । *(ସିରତ୍ ଖାତ୍‌ମୁନ୍ ନବିଇନ୍ ପୃ- ୨୨୭ ରୁ ୨୨୯, ୨୩୨ ରୁ ୨୩୩* ହଜୁର ଅନୱ୍‌ର ଅ.ବ କହିଲେ ସାଦ୍ ବିନ୍ ଅବାଦାଃଙ୍କ ସମ୍ବନ୍ଧରେ ଆଉ କିଛି ତଥ୍ୟ ବାକି ଅଛି ଯାହାକି ମୁଁ ଆସନ୍ତା ଖୁତବାରେ ଚର୍ଚ୍ଚା କରିବି । **ଇନ୍ନଶା ଅଲ୍ଲାଃ**

⌘⌘⌘⌘⌘⌘⌘⌘⌘⌘


## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)



## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟ୍‌ନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୭୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । "

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

ଆଁ ହଜରତ ସ:ଆ:ସଙ୍କର ଏ ସୁନ୍ନତ (କାର୍ଯ୍ୟଶୈଳୀ) ଥିଲା ଯେ, ସେ ଯେତେବେଳେ କୌଣସି ଯାତ୍ରା/ ଅଭିଯାନ ଶେଷ କରି ମଦିନାରେ ଆସି ପହଂଚନ୍ତି ସେତେବେଳେ ପ୍ରଥମେ ମସଜିଦ୍‌ରେ ପହଂଚି ଦୁଇ ରେକାତ ନମାଜ ପାଠ କରିଥାନ୍ତି ।

ନିଷ୍ଠା ଓ ଭକ୍ତି ଭାବରେ ପରିପୂର୍ଣ୍ଣ ଆଁ ହଜରତ ସ:ଆ:ସଙ୍କ ବଦ୍ରି ସାହାବାଗଣ ହିଲାଲ୍ ବିନ୍ ଉମୈୟା ୱାକିଫି, ହଜରତ ମୁରାରା ବିନ୍ ରବିଇ ଉମୁରୀ ଏବଂ ହଜରତ ଉତ୍‌ବା ବିନ୍ ଗଜୁଆନ୍ ରଜିୟଲ୍ଲାହୁ ଅନ୍‌ହୁମ୍‌ଙ୍କ ପବିତ୍ର ଜୀବନଚରିତର ବର୍ଣ୍ଣନା ।

ତରବାରୀ ସହିତ ଯୁଦ୍ଧର ଆରମ୍ଭ ଏବଂ ଆଁ ହଜରତ ସ:ଆ:ସଙ୍କ ପ୍ରତିରକ୍ଷାମୂଳକ ପଦକ୍ଷେପର ବର୍ଣ୍ଣନା ।

କୁଫାର୍ (ଅବିଶ୍ୱାସକାରୀ)ଙ୍କ ଦୁଷ୍କାମୀରୁ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଆଁ ହଜରତ ସ:ଆ:ସଙ୍କ ଚାରଟି ଉପାୟ ।
ରୋଜ୍‌ନାମା (ଦୈନିକ ଖବରକାଗଜ) ଅଲ୍‌ଫଜଲ୍ ଅନ୍‌ଲାଇନ୍ ୱେବସାଇଟର ସୁଭାରମ୍ଭର ଘୋଷଣା ଏବଂ ତା'ର ସଂକ୍ଷିପ୍ତ ପରିଚୟ ।

ମୁକରମ୍ମା ସୟଦାଃ ତନୱିରୁଲ୍ ଇସ୍‌ଲାମ୍ ସାହିବା ପତ୍ନୀ ମୁକରମ୍ମ ମିର୍ଜା ହଫିଜ୍ ଅହେମଦ୍ ସାହେବ ମର୍‌ହୁମ୍ ଏବଂ ସିଷ୍ଟର ହାଜା ଶକୁରାଃ ନୂରିଆ ସାହିବା ଆମେରିକା ନିବାସୀଙ୍କ ଦେହାନ୍ତ, ସେମାନଙ୍କର ଉତମଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ ପାଠ ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
(ପ୍ରଦତ୍ତ: ୧୩ ଡ଼ିସେମ୍ବର ୨୦୧୯ ଅନୁଯାୟୀ ୧୩ ଫତାଃ ୧୩୯୮ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ ଗତ ଖୁତବାରେ ମୁଁ ହଜରତ ହିଲାଲ୍ ବିନ୍ ଉମୟାଙ୍କ (ଜୀବନୀ) ଚର୍ଚ୍ଚା କରିଥିଲି । ଏବଂ ଏଥିରେ ତବୁକ୍ ଯୁଦ୍ଧ ବିଷୟରେ ମଧ୍ୟ ବର୍ଣ୍ଣନା ହୋଇଥିଲା । ହଜରତ ହିଲାଲ୍ ସେହି ତିନି ଜଣ ପଛରେ ରହିଯାଇଥିବା ସାହାବୀମାନଙ୍କ ମଧରେ ଅନ୍ତର୍ଭୁକ୍ତ ଥିଲେ ଯେ ତବୁକ୍ ଯୁଦ୍ଧରେ ସାମିଲ ହୋଇ ନଥିଲେ । ହଜୁର ସ.ଅ ଯୁଦ୍ଧରୁ ପତ୍ୟାବର୍ତନ କରିବା ପରେ ତାଙ୍କ ଉପରେ କ୍ଷୋଭ ପ୍ରକାଶ କଲେ ଏବଂ ସେମାନଙ୍କୁ କିଛି ଦିନ ଦଣ୍ଡ ବିଧାନ ମଧ କରିଥିଲେ, ଯଦ୍ୱାରା ସମ୍ପୃକ୍ତ ତିନିଜଣ ସାହାବୀ ସଦେବ ବିଚଳିତ ରହୁଥିଲେ ଏବଂ ଅଲ୍ଲାଃଙ୍କ ଶରଣରେ ପଡ଼ି ରହିବା ସହ ଅନୁତାପ, କ୍ଷମା ପ୍ରାର୍ଥନା କରୁଥିଲେ । ଏପରିକି ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ଅଲ୍ଲାଃ ସେମାନଙ୍କୁ କ୍ଷମା ଆଚରଣ ପୂର୍ବକ ନିଜ ପବିତ୍ର ଧର୍ମଗ୍ରନ୍ଥରେ କିଛି ପଙ୍‌କ୍ତି ଅବତୀର୍ଣ୍ଣ କଲେ । ସେ ଯାହା ହେଉ ଏ ସମ୍ବନ୍ଧରେ ଏକଥା ମଧ ବର୍ଣ୍ଣନା ହୋଇଥିଲା ଯେ, ସାହାବାମାନେ ଏହି ଯୁଦ୍ଧ ପ୍ରସ୍ତୁତି ପାଇଁ କିପ୍ରକାରର ବଳିଦାନ ଦେଇଥିଲେ ଓ ଏକଥା ମଧ ଉଲ୍ଲେଖ ଥିଲା ଯେ, ଆଉ କେତେକ ଲୋକେ ଯେଉଁମାନଙ୍କ ହୃଦୟରେ କପଟତା ଥିଲା, ସେମାନେ ସେଥିରେ ସାମିଲ ହୋଇନଥିଲେ । ଏବଂ ଆଁ ହଜରତ ସ:ଆ:ସଙ୍କ ନିକଟରେ ମିଥ୍ୟା ବାହାନା ଦେଖାଇଥିଲେ । ଓ ଆଉ କେତେକ ଆରମ୍ଭରୁ ହିଁ ଯୁଦ୍ଧରେ ସାମିଲ ହେବା ପାଇଁ ଅସ୍ୱୀକାର କରିଦେଇଥିଲେ ସୁତରାଂ ଆଁ ହଜରତ ସ:ଆ:ସ ଏହିଭଳି ମୁନାଫିକ୍‌ମାନଙ୍କର ମାମଲାକୁ ଅଲ୍ଲାଃ ତାଲାଙ୍କ ଉପରେ ଛାଡ଼ିଦେଲେ । ହଜୁର ଅନଓ୍ୱର ଅ.ବ କହିଲେ- ଏଥିସମ୍ବନ୍ଧରେ ଆଉକିଛି ତଥ୍ୟ ରହିଯାଇଛି ଯାହାକି ଏଠାରେ ମୁଁ ଉପସ୍ଥାପନ କରିବି ।

ସେହିଲୋକମାନେ ଯେ ହଜୁର ସ.ଅଙ୍କ ସାଥିରେ ଯିବାକୁ ପ୍ରାଧାନ୍ୟ ଦେଇ ନଥିଲେ, ସେମାନଙ୍କ ମଧରେ ଜଣେ ବ୍ୟକ୍ତି ଜଦ୍ ବିନ୍ କୈସ ଥିଲେ । ହଜୁର ସ.ଅ ତାଙ୍କୁ ପ୍ରଶ୍ନ କଲେ ତୁମେ ରୋମୀମାନଙ୍କ ସାଥିରେ ଲଢିବା ପାଇଁ ଆମ ସାଥିରେ ଯିବ ନାହିଁ ? ସେ ଏହି ବାହାନା କଲେ କି ମହିଳା ଓ ନିଜର ଗୃହ ଦାୟିତ୍ୱ ଯୋଗୁଁ ମୁଁ ଧର୍ମ ସଂଙ୍କଟରେ ପଡ଼ିଯିବି ତେଣୁ ମୋତେ କ୍ଷମା କରନ୍ତୁ । ଅତଏବ ହଜୁର ତାଙ୍କୁ ଠାରୁ ବିମୁଖ ହୋଇ ତାଙ୍କୁ ଘରେ ରହିବାକୁ ଅନୁମତି ପ୍ରଦାନ କରିଦେଲେ, ଏଥିରେ ଅଲ୍ଲାଃତାଲା ଏହି ପଙ୍‌କ୍ତି ଅବତୀର୍ଣ୍ଣ କଲେ **ୱମିନ୍‌ହୁମ୍ ମଇଁୟକୁଲୁ ଜଲ୍‌ଲି ୱଲା ତଫ୍‌ତନି ଇଲାଫିଲ୍ ଫିତ୍‌ନତି ସକତୁ ୱଇନ୍ନା ଜହନ୍ନମା ଲମୁହିତତୁନ୍ ବିଲ୍ କାଫିରିନ୍** (ତୌବା: ୪୯) ଅର୍ଥାତ ସେମାନଙ୍କ ମଧ୍ୟରୁ ଏପରି ମଧ ଅଛନ୍ତି ଯେ କହିଥାନ୍ତି କି ଆମକୁ (ରହିଯିବାକୁ) ଅନୁମତି ପ୍ରଦାନ କର ଏବଂ ଆମକୁ ପରୀକ୍ଷା କର ନାହିଁ । ଜାଣିରଖ ଏହି ଲୋକମାନେ ଆଦ୍ୟରୁ ବିଶୃଙ୍ଗଳାରେ ଜଡ଼ିତ ଏବଂ ନର୍କ ସେମାନଙ୍କୁ ଚର୍ତୁପାର୍ଶ୍ୱରୁ ଘେରି ନେବ ।

ମଦିନାର ଜଣେ ଇହୁଦୀ ଯାହାର ନାମ ସୱେଲମ୍ ଥିଲା ସେ ମଦିନା ଇଲାକାରେ ଜାଶୁମ୍ ନାମକ ସ୍ଥାନରେ ରହୁଥିଲା ତେଣୁ ତାକୁ ବିରେ ଯାସିନ୍ ମଧ କୁହାଯାଉଥିଲା । ମଦିନାର ଶିରିୟା ଦେଶ ଦିଗରେ ଅବୁ ହୈଶମ୍‌ଙ୍କର ଏକ କୂପ ଥିଲା । ତାହାର ଜଳ ଅତି ମଧୁର ଥିଲା । ହଜରତ ମୁହମ୍ମଦ ସ.ଅ ମଧ ତାହାର ଜଳ ପାନ କଲେ ଏବଂ ପସନ୍ଦ କଲେ ।

ସେହି ୟହୁଦିର ଘର କପଟବିଶ୍ୱାସୀଙ୍କର କେନ୍ଦ୍ରସ୍ଥଳି ଥିଲା । ହଜୁର ସ.ଅଙ୍କୁ ସୂଚନା ମିଳିଲା କି କପଟବିଶ୍ୱାସୀମାନେ ସେଠାରେ ଏକତ୍ରିତ ହେଇ ଲୋକମାନଙ୍କୁ ତବୁକ୍ ଯୁଦ୍ଧରେ ସାମିଲ ନହେବା ପାଇଁ ମତାଉଛନ୍ତି । ହଜୁର ସ.ଅ ହଜରତ ଅମାର ବିନ୍ ୟାସିରଙ୍କୁ କହିଲେ ସେମାନଙ୍କ ନିକଟକୁ ଯାଅ ଏବଂ ସେମାନଙ୍କ ଏଭଳି କାର୍ଯ୍ୟକଳାପ ସମ୍ବନ୍ଧରେ ପଚାର । ଯଦି ସେମାନେ ଅସ୍ୱୀକାର କରନ୍ତି ତେବେ ତାଙ୍କୁ କହିବ କି ତୁମେ ଏଭଳି ଏଭଳି କହିଥିବାର ଆମକୁ ଖବର ମିଳିଛି । ଯେତେବେଳେ ହଜରତ ଅମାର ବିନ୍ ୟାସିର ସେଠାରେ ପହଂଚି ତାଙ୍କୁ ଏଥି ସଂକ୍ରାନ୍ତରେ ପ୍ରଶ୍ନ କଲେ, ସେତେବେଳେ ସେମାନେ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ କ୍ଷମା ଭିକ୍ଷା କଲେ । (ସିରତୁନ୍ ନବୱିୟା ଲେଇବ୍‌ନେ ହୁଶାମ୍ ପୃଷ୍ଠା-୫୯୭...... ବେରୁତ ୨୦୦୯) (ସିରତୁଲ୍ ହଲ୍‌ବିୟା ଖଣ୍ଡ-୩, ପୃ-୧୮୬..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୨) (ତବକାତୁଲ୍ କୁବ୍‌ରା ଖଣ୍ଡ-୧. ପୃ-୩୯୦..... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୦) (ଫରହଙ୍ଗ ସିରତ୍ ପୃ-୮୪..... କରାଚୀ ୨୦୦୩)

ଏମାନଙ୍କର ଏଭଳି ଅବସ୍ଥାକୁ ଅଲ୍ଲାଃ ତାଲା ନିମ୍ନଲିଖିତ ଶବ୍ଦରେ ବର୍ଣ୍ଣନା କରିଛନ୍ତି ଯେ, **ୟହ୍‌ଜରୁଲ୍ ମୁନାଫିକୁନା .....ବିଅନ୍‌ହୁମ୍ କାନୁ ମୁଜ୍‌ରିମିନ୍ (ତୌବା: ୬୪ ରୁ ୬୬)** ଅର୍ଥାତ କପଟ ବିଶ୍ୱାସୀମାନେ (ଲୋକଦେଖାଣିଆ) ଭୟ ପ୍ରକାଶ କରୁଛନ୍ତି ଯେ, କାଳେ ସେମାନଙ୍କ ବିରୁଧରେ ଏପରି ଏକ ଅଧ୍ୟାୟ ଅବତୀର୍ଣ୍ଣ ହେବ ଯଦ୍ୱାରା ଯାହା କିଛି ସେମାନଙ୍କ ହୃଦୟରେ ଅଛି ତାହା ସେମାନଙ୍କୁ (ଓ ମୁସଲମାନମାନଙ୍କୁ) ସଚେତନ କରାଇଦେବ; (ତୁମେ) କୁହ, "ଉପହାସ କରୁଥାଅ, ତୁମେମାନେ ଯେଉଁ ବିଷୟରେ (ଲୋକ ଦେଖାଣିଆ) ଭୟ କରୁଅଛ, ଅଲ୍ଲାଃ ନିଶ୍ଚୟ ତାହା ପ୍ରକାଶ କରିଦେବେ" । ଏବଂ ଯଦି ତୁମେ ସେମାନଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବ (ଯେ ତୁମେମାନେ ଏପରି କଥା କାହିଁକି କହୁଥିଲା ?) ତେବେ ସେମାନେ ନିଶ୍ଚୟ ଏହା ଉତର ଦେବେ, "ଆମେମାନେ ତ କେବଳ ଥଟ୍ଟା ପରିହାସ କରୁଥିଲୁ"; (ତୁମ୍ଭେ) କୁହ, "ତେବେ କ'ଣ ତୁମେମାନେ ଅଲ୍ଲାଃ ତାଲା ଓ ତାହାଙ୍କ ନିର୍ଦ୍ଦେଶନ ଓ ତାହାଙ୍କ ରସୁଲ୍‌ଙ୍କ ସହିତ ଥଟ୍ଟା ପରିହାସ କରୁଥିଲ ?" । ବର୍ତମାନ କୌଣସି ଆପତି କରନାହିଁ, ବିଶ୍ୱାସ କରିଲାପରେ ତୁମେମାନେ ଅବିଶ୍ୱାସ କରିଅଛ; (ସୁତରାଂ ଶାସ୍ତି ଭୋଗ କର) ଯଦି ଆମ୍ଭେ ତୁମମାନଙ୍କ ମଧ୍ୟରୁ ଗୋଟିଏ ଦଳକୁ କ୍ଷମା କରିଦଉ ଓ ଅନ୍ୟ ଦଳକୁ ଶସ୍ତି ପ୍ରଦାନ କରୁ କାରଣ ସେମାନେ ଅପରାଧି ଥିଲେ (ତେବେ ଏହା ଆମ୍ଭର କାର୍ଯ୍ୟ) ।

ସେ ଜାହା ହେଉ ସେତେବେଳେ ଏଭଳି ପରିସ୍ଥିତି ଉପୁଯିଥିଲା କି ରଣ କ୍ଷେତ୍ରକୁ ଯିବା ପୂର୍ବରୁ ଲୋକମାନେ ହଜୁର ସ.ଅଙ୍କ ସାଥିରେ ନଯିବା ପାଇଁ ଯୋଜନା ଚାଲାଇଥିଲେ । କପଟବିଶ୍ୱାସୀମାନେ ସେମାନଙ୍କ ସହ ସାମିଲ ଥିଲେ ଏବଂ ଇହୁଦୀମାନେ ମଧ ଏମାନଙ୍କୁ ଉସୁକାଉଥିଲେ । କିଛି ଲୋକ (ନଯିବାର) ଏମିତି ବାହାନା କଲେ ଏବଂ ଆଉ କିଛି ପରବର୍ତୀ

ସମୟରେ ଅର୍ଥାତ ରଣ କ୍ଷେତ୍ରକୁ ଫେରିବା ପରେ ହଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ବାହାନା କଲେ । ସେ ଜାହା ହେଉ ହଜୁର ସେମାନଙ୍କ ମାମଲା ଅଲ୍ଲାଃଙ୍କ ଉପରେ ଛାଡ଼ିଦେଲେ ।

ଯେତେବେଳେ ଆଁ ହଜରତ ସ:ଆ:ସ ତବୁକ୍ ଯୁଦ୍ଧରୁ ଫେରିଆସୁଥିଲେ ଏବଂ ମଦିନା ନିକଟରେ ପହଚିଂଲେ ସେତେବେଳେ ଆପଣ ସ:ଆ:ସ କହିଲେ ଯେ, ମଦିନାରେ କିଛି ଲୋକ ଏପରି ଅଛନ୍ତି ଯେ, ସେମାନେ ପ୍ରତ୍ୟେକ ଯାତ୍ରା ଏବଂ ପ୍ରତ୍ୟେକ କ୍ଷେତ୍ରରେ ତୁମମାନଙ୍କ ସହିତ ସାମିଲ ଥିଲେ । ସାହାବାମାନେ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ତୁମେମାନେ ଯଦିଚ ସେମାନେ ମଦିନାରେ ରହିଥିବା ସତ୍ୱେ ପୁଣି କିପରୂ ଆମ ସହିତ ସେମାନେ ଥିଲେ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ହଁ ସେମାନେ ମଦିନାରେ ହିଁ ଅଛନ୍ତି କିନ୍ତୁ ସେମାନଙ୍କୁ କୌଣସି ଅସୁବିଧା ଅବା କୋଣସି ରୋଗ ଓ ବୋମାର ରୋକି ଦେଇଥିଲା । *(ମସନଦୁଲ୍ ଇମାମ୍ ଅହେମଦ ବିନ୍ ହମ୍ବଲ୍ ଖଣ୍ଡ-୪, ପୃ-୨୬୩...... ହଦୀସ ୧୨୦୩ ରୁ ପ୍ରକାଶ ଆଲେ ଇମୁଲୁ କୁତୁବୁଲ୍ ବେରୁତ ଲେବ୍ନାନ ୧୦୯୮) (ମସନଦୁଲ୍ ଇମାମ୍ ଅହେମଦ ବିନ୍ ହମ୍ବଲ୍ ଖଣ୍ଡ-୫, ପୃ-୧୩୨...... ହଦୀସ ୧୪୭୩୧ ରୁ ପ୍ରକାଶ ଆଲେ ଇମୁଲୁ କୁତୁବୁଲ୍ ବେରୁତ ଲେବ୍ନାନ ୧୦୯୮)* ଏମାନେ ଏପରି ଲୋକଥିଲେ ଯେଉଁମାନଙ୍କର ବାହାନା କରିବା ମଧ ଉଚିତ ଥିଲା ସେମାନଙ୍କର କୌଣସି ରୋଗ ବିମାର ଥିଲା ବା ଏପରି କିଛି ଅସୁବିଧା ଯୋଗୁଁ ସେମାନେ ଇଚ୍ଛା ରଖିବା ସତ୍ୱେ ମଧ ଯୁଦ୍ଧରେ ଯୋଗ ଦେଇପାରିଲେ ନାହିଁ । ତେଣୁ ଅଲ୍ଲାଃ ତାଲା ସେମାନଙ୍କୁ ତୁମମାନଙ୍କ ସହିତ ହିଁ ସାମିଲ କରିଛନ୍ତି ।

ତବୁକ ଯୁଦ୍ଧରୁ ଆସୁଥିବା ବେଳେ ଗୋଟିଏ ଅବସରରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ମୁଁ ଶୀଘ୍ର ଶୀଘ୍ର ଯାଉଅଛି ତେଣୁ ତୁମମାନଙ୍କ ମଧ୍ୟରୁ ଯିଏ ଚାହିଁବ ସେ ମୋ ସହିତ ଶୀଘ୍ର ଶୀଘ୍ର ଚାଲୁ ଓ ଯିଏ ରହିବାକୁ ଚାହିଁବ ସେ ରହିଯାଉ ଅର୍ଥାତ ଆରାମରେ ଧିରେ ଧିରେ ପଛରେ ଆସୁ । ରାଓ୍ୱି କହୁଛନ୍ତି ତା ପରେ ଆମେ ବାହାରିପଡିଲୁ ଏପରି କିଅ ଆମକୁ ମଦିନା ଦିଶିବାକୁ ଲାଗିଲା । ଏଥିରେ ହୁଜର ସ:ଆ:ସ କହିଲେ , ଏହା ହେଉଛି ତାବା ଅର୍ଥାତ ପବିତ୍ର ଓ ସନ୍ଦୌର୍ଯ୍ୟ ମୟ ଏବଂ ଏହା ହେଉଛି ଓ୍ୱହଦ୍ ପାହାଡ଼ । ଏହା ଏପରି ଏକ ପାହାଡ଼ ଯିଏ ଆମ ସହିତ ପ୍ରେମ କରିଥାଏ ଓ ଆମେ ମଧ ତାକୁ ପ୍ରେମ କରିଥାଉ । ପୁଣି ଆପଣ କହିଲେ ଯେ, ଅନ୍‌ସାରମାନଙ୍କ ଘର ମଧ୍ୟରୁ ସବୁଠାରୁ ଉତମ ଘର ହେଉଛି ବନୁ ନଜାର୍‌ର ଘର ପୁଣି ବୁନ ଅବଦୁଲ୍ ଅସହଲ୍‌ଙ୍କ ଘର ତା'ପରେ ବନୁ ଅବଦୁଲ୍ ହାରିସ୍ ବିନ୍ ଖଜ୍‌ରଜ୍‌ଙ୍କ ଘର ପୁଣି ବନୁ ସାଆଦାଃଙ୍କ ଘର । ପୁଣି ଆପଣ ସ:ଆ:ସ ବାକି ସମସ୍ତ ଅନ୍‌ସାରମାନଙ୍କ ଘର ଗୁଡ଼ିକୁ ଭଲ ବୋଲି ଅଭିହିତ କଲେ । ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ଆମ ସହିତ ଆସି ମିଶିଗଲେ । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ, ଏହା ଶୁଣି ଅବୁ ଉସୈଦ୍ କହିଲେ କ'ଣ ତୁମେମାନେ ଜାଣିଛ ଯେ, ରସୁଲୁଲ୍ଲାଃ ସ:ଆ:ସ ଅନ୍‌ସାରମାନଙ୍କ ଘରଗୁଡ଼ିକର ଶ୍ରେଷ୍ଠତାକୁ ବର୍ଣ୍ଣନା କରିଛନ୍ତି ଓ ଆମମାନଙ୍କୁ ଶେଷରେ ରଖିଛନ୍ତି । ହଜରତ ସାଆଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଯାଇ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ଅନ୍‌ସାରମାନଙ୍କ ଘରର ଶ୍ରେଷ୍ଠତା ବର୍ଣ୍ଣନା କରିଛନ୍ତି ଓ ଆମକୁ ଶେଷରେ ରଖିଦେଇଛନ୍ତି ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ କ'ଣ ତୁମପାଇଁ ଏହା ଯଥେଷ୍ଟ ନୁହେଁ ଯେ, ତୁମେମାନେ ଉତମ ଲୋକମାନଙ୍କ ମଧ୍ୟରେ ପରିଗଣିତ ? ଏହା ସହି ମୁସଲିମ୍‌ର ରିଓ୍ୱାୟତ । *(ସହି ମୁସଲିମ୍ କିତାବୁଲ୍ ଫଜାଇଲ୍....... ୧୩୯୨) ।*

ଫେରିବା ସମୟରେ ଆଁ ହଜରତ ସ:ଆ:ସଙ୍କୁ ସ୍ୱାଗତ କରିବା ପାଇଁ ମଦିନାର ଲୋକମାନେ ଅର୍ଥାତ କ'ଣ ପୁରୁଷ କ'ଣ ମହିଳା କ'ଣ ପିଲା ଆବାଳବୃଦ୍ଧବନିତା ମଦିନାରୁ ବାହାରକୁ ଆସି ସନିୟତୁଲ୍ ଓ୍ୱଦା ନିକଟରେ ପହଚିଂଲେ । ସନିୟତୁଲ୍ ଓ୍ୱଦା ମଦିନା ନିକଟରେ ଥିବା ଗୋଟିଏ ସ୍ଥାନ ଏବଂ ମଦିନାରୁ ମକ୍କା ଯାଉଥିବା ଲୋକମାନଙ୍କୁ ଏହି ସ୍ଥାନରେ ଆସି ବିଦାୟ ଦିଆଯାଉଥିଲା ସେଥିଯୋଗୁଁ ଏହାକୁ ସନିୟତୁଲ୍ ଓ୍ୱଦା କୁହାଯାଉଥିଲା । ଐତିହାସିକମାନେ ଏକଥା ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ଆଁ ହଜରତ ସ:ଆ:ସ ମକ୍କାରୁ ହିଜ୍‌ରତ କରି କୁବା ପଟୁ ମଦିନା ଆସିଲେ ସେତେବେଳେ ମଦିନାର ସେ ପଟୁ ମଧ ସନିୟତୁଲ୍ ଓ୍ୱଦା ଥିଲା । ହଜରତ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେଠାରେ ମଦିନାର ପିଲାମାନେ ଆସି ଆଁ ହଜରତ ସ:ଆ:ସଙ୍କୁ ସ୍ୱାଗତ ଜଣାଇଲେ ଓ ଝିଅପିଲାମାନେ ନିମ୍ନଲିଖିତ ପଂକ୍ତି (ଗୀତ)ଗାଉଥିଲେ:

***ତଲ୍‌ଅଲ୍ ବଦ୍‌ରୁ ଆଲୈଇନା ମିନ୍ ସନିୟାତିଲ୍ ଓ୍ୱଦାଇ ଓ୍ୱଜବଶ୍ ଶୁକ୍‌ରୁ ଆଲୈଇନା ମା ଦଆ ଲିଲ୍ଲାହି ଦାଇ***

ଅର୍ଥାତ ପୂର୍ଣ୍ଣିମା ଚାନ୍ଦ ସନିୟତୁଲ୍ ଓ୍ୱଦା ପଟୁ ଆମ ଉପରେ ଉଇଁଅଛି ତେଣୁ ଅଲ୍ଲାଃ ତାଲାଙ୍କ ନିକଟରେ କୃତଜ୍ଞ ହେବା ଆମପାଇଁ ଜରୁରୀ ହୋଇଯାଇଛି ଯେ ପର୍ଯ୍ୟନ୍ତ ଅଲ୍ଲାଃଙ୍କୁ କେହି ନା କେହି ଡ଼ାକିବା ବାଲା ରହିବେ । କେତେକ ହଦୀସ୍‌ର ବ୍ୟାଖ୍ୟାକାରୀମାନେ ଯେମିତି ଅଲ୍‌ମା ଇବ୍‌ନେ ହଜର୍ ଅସ୍‌କଲାନି ଶାରେହ୍ ବୁଖାରୀ ଅର୍ଥାତ ବୁଖାରୀର ବ୍ୟାଖ୍ୟା ଲେଖିଛନ୍ତି, ତାଙ୍କର ଏ ଧାରଣା ରହିଛି ଯେ, ସମ୍ଭବତଃ ଯେଉଁପଦ ବିଷୟରେ ହଜରତ ଆଇଶା ବର୍ଣ୍ଣନା କରିଛନ୍ତି, ଯାହାକୁ ମୁଁ ଏବେ ପାଠ କଲି ତାହାର ସମ୍ବନ୍ଧ ଆଁ ହଜରତ ସ:ଆ:ସଙ୍କର ତବୁକ୍ ଯୁଦ୍ଧରୁ ଫେରିଆସିବା ସମୟରେ ହୋଇଥିବ କାରଣ ସେତେବେଳେ ସନିୟତୁଲ୍ ଓ୍ୱଦାଠାରେ ଲୋକମାନେ ଏବଂ ପିଲାମାନେ ଆଁ ହଜରତ ସ:ଆ:ସଙ୍କ ସ୍ୱାଗତ ଜଣାଇଥିଲେ କାରଣ ସିରିୟା ଦେଶଆଡୁ ଆସୁଥିବା ଲୋକମାନଙ୍କର ସ୍ୱାଗତ ସେହି ସ୍ଥାନରୁ ହିଁ କରାଯାଉଥିଲା । ଯେତେବେଳେ ମଦିନାର ଲୋକମାନଙ୍କୁ ନବି କରିମ୍ ସ:ଆ:ସଙ୍କର ତବୁକ୍ ଯୁଦ୍ଧରୁ ଫେରିଆସିବା ବିଷୟରେ ଜ୍ଞାତ ହେଲା ସେତେବେଳେ ସେମାନେ ଆନନ୍ଦରେ ନବି କରିମ୍ ସ:ଆ:ସଙ୍କୁ ସ୍ୱାଗତ ଜଣାଇବା ପାଇଁ ମଦିନା ବାହାରେ ସେହି ସ୍ଥାନରେ ଯାଇ ପହଂଚିଗଲେ ଯେମିତି କି ହଜରତ ସାଇବ୍ ବିନ୍ ଯଜିଦ୍ ବର୍ଣ୍ଣନା କରୁଛନ୍ତି ଯେ, ମୋର ମନେ ଅଛି କି, ମୁଁ ମଧ ଅନ୍ୟପିଲାମାନଙ୍କ ସହିତ ସେତେବେଳେ ଆଁ ହଜରତ ସ:ଆ:ସଙ୍କୁ ସ୍ୱାଗତ ଜଣାଇବା ପାଇଁ ସନିୟତୁଲ୍ ଓ୍ୱଦା ଯାଇଥିଲି ଯେତେବେଳେ ଆପଣ ସ:ଆ:ସ ତବୁକ୍ ଯୁଦ୍ଧରୁ ଲେଉଟି ଆସିଥିଲେ । ଇମାମ୍ ବେହେକି ମଧ ଏହା ବର୍ଣ୍ଣନା କରିଛନ୍ତି ଯେ, ପିଲାମାନେ ନବି କରିମ୍ ସ:ଆ:ସଙ୍କୁ ଉକ୍ତ ପଦଟିକୁ ପଢ଼ି ସ୍ୱାଗତ ଜଣାଇଥିଲେ, ଯେତେବେଳେ ନବୀ କରିମ୍ ସ:ଆ:ସ ତବୁକ୍ ଯୁଦ୍ଧରୁ ମଦିନା ଫେରିଆସିଥିଲେ । *(ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୧୦୦...... ପ୍ରକାଶନ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ) (ଉଦ୍ଧୃତ ଜୁସ୍‌ତୁଜୁଏ ମଦିନା ପୃ-୪୦୩ ରୁ ୪୦୪.... ଲାହୋର୍ ୨୦୦୭) (ସିରତ୍ ଖାତ୍‌ମୁନ୍ ନବିଇନ୍, ହଜରତ ସାହେବ୍‌ଯାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ପୃ-୨୬୭)* ସେ ଯାହା ହେଉ ଐତିହାସିକମାନେ ଓ ସିରତ୍ ଲେଖୁଥିବା ଲେଖକମାନେ, ଏହି ଦୁଇ ଗୋଷ୍ଠିଙ୍କ ରାୟ ମହଜୁଦ୍ ରହିଛି ଅର୍ଥାତ କେତେକଙ୍କ ନିକଟରେ ନବି କରିମ୍ ସ:ଆ:ସ ସ୍ୱାଗତ ପାଇଁ ମଦିନା ହିଜ୍‌ରତ୍ କରିବା ସମୟରେ ଏବଂ ଆଉ କେତେକଙ୍କ ନିକଟରେ ତବୁକ୍ ଯୁଦ୍ଧରୁ ଲେଉଟିଯିବା ସମୟରେ ଉକ୍ତ ପଦଟିକୁ ପଢ଼ାଯାଇଥିଲା ।

ହଜୁର ସ.ଅଙ୍କର ଏହି ସୁନ୍ନତ ଥିଲା କି ଆପଣ ଯାତ୍ରାରୁ ମଦିନା ଫେରିବା ମାତ୍ରେ ମସଜିଦ୍ ଯାଇ ଦୁଇ ରେକାତ୍ ନମାଜ ପାଠ କରୁଥିଲେ । ଅତଏବ ତବୁକ୍ ଯୁଦ୍ଧରୁ ଫେରି ଆପଣ ପ୍ରଭାତ ସମୟରେ ମଦିନାରେ ପହଂଚିଲେ ଏବଂ ସଙ୍ଗେସଙ୍ଗେ ମସଜିଦ୍ ଯାଇ ଦୁଇ ରେକାତ୍ ନମାଜ ପାଠ କଲେ । *(ମସନଦୁଲ୍ ଇମାମ୍ ଅହେମଦ୍ ବିନ୍ ହମ୍ବଲ୍ ଖଣ୍ଡ-୫, ପୃ-୪୧୪....... ହଦିସ୍ ୧୫୮୬୫ ପ୍ରକାଶନ ଆଲେମୁନ୍ କୁତୁବ୍ ବେରୁତ ୧୯୮୮)*

ତା'ପରେ ଆପଣ ଲୋକମାନଙ୍କ ପାଇଁ ମସଜିଦ୍‌ରେ ହିଁ ବିରାଜିତ ରହିଲେ ସେତେବେଳେ ସେହି ଲୋକମାନେ ଯେ ଜାଣିବୁଝି ପଛରେ ରହିଯାଇଥିଲେ, ହଜୁର ସ.ଅଙ୍କ ସହ ସାକ୍ଷାତ କରିବାକୁ ଆସିଲେ ଏବଂ ବାହାନା କରିବାକୁ ଲାଗିଲେ । ଏପରି ଲୋକମାନଙ୍କ ସଂଖ୍ୟା ପାଖାପାଖି ୮୦ ଥିଲା । ହଜୁର ସ.ଅ ସେମାନଙ୍କ ପ୍ରକାଶ୍ୟ ଛଳନାକୁ ସ୍ୱୀକାର କରିନେଲେ ଏବଂ ସେମାନଙ୍କ ସହ ନମ୍ର ଆଚରଣ କରି ସେମାନଙ୍କ ଠାରୁ ବୈଅତ ନେଲେ ତଥା ସେମାନଙ୍କ ପାଇଁ ଦୁଅ ମଧ କଲେ । *(ସହି ବୁଖାରୀ କିତାବୁଲ୍ ମଗାଜି........ ହଦିସ୍ ୪୪୧୮)*

କିନ୍ତୁ ଯେପରିକି ପୂର୍ବରୁ ବିସ୍ତାର ବର୍ଣ୍ଣନା ହୋଇସାରିଛି ଯେ ହଜରତ ହିଲାଲ ବିନ୍ ଉମୟା ହଜରତ ମରାରା ବିନ୍ ରବି ଓ ହଜରତ କାବ୍ ବିନ୍ ମାଲିକ୍ କୌଣସି ମନଗଢା ବାହାନା କରି ନଥିଲେ । ଯେଉଁଥିପାଇଁ ସେମାନେ ହଜୁର ସ.ଅଙ୍କ କ୍ରୋଧର ଶିକାର ହେଲେ ଏବଂ ବେଶ୍ କ୍ରନ୍ଦନ ଓ ଅନୁତାପର ଲୁହ ଝରାଇବା ସହିତ ଅଲ୍ଲାଃଙ୍କ ନିକଟରେ କ୍ଷମା ଭିକ୍ଷା କରି ନତମସ୍ତକ ରହୁଥିଲେ, ବସ୍ତୁତଃ ଅଲ୍ଲାଃତାଲା ପବିତ୍ର କୁରଆନରେ ସେମାନଙ୍କ କ୍ଷମା ସ୍ୱୀକାର କରିବାର ଘୋଷଣା ମଧ କଲେ ।

ହଜୁର ଅନଓ୍ୱର ଅ.ବ କହିଲେ- ଦ୍ୱିତୀୟ ସାହାବୀ ଯାହାଙ୍କ ଚର୍ଚ୍ଚା ହେବ ସେ ହେଲେ ହଜରତ ମରାରା ବିନ୍ ରବି ଅମିରି ର:ଅ, ହଜରତ ମରାରାଙ୍କ ବାପାଙ୍କ ନାମ ରବି ବିନ୍ ଅଦି ଥିଲା ତାଙ୍କ ମାଆଙ୍କ ନାମ ରବିଈ ଏବଂ ରବିଆ ଥିଲା ବୋଲି ମଧ ବର୍ଣ୍ଣିତ ଅଛି । ହଜରତ ମରାରା ବିନ୍ ରବିଙ୍କ ସମ୍ପର୍କ ଅନସାର କବିଲାର ଅଓ୍ୱସ୍‌ର ବନୁ ଉମରୋ ବିନ୍ ଅଓ୍ୱଫ୍ ବଂଶଧର ସହ ଥିଲା । ଯେବେ କି ଆଉଗୋଟିଏ ରିଓ୍ୱାୟତ ମୁତାବକ ତାଙ୍କର ସମ୍ବନ୍ଧ ବନୁ ଅମ୍‌ରୋ ବିନ୍ ଅଓ୍ୱଫ୍‌ଙ୍କ କବିଲା କୁଜାଆ ସହିତ ଥିଲା । କୁଜାଆ ହେଉଛି ଆରବର ଗୋଟିଏ ଖ୍ୟାତାନାମା କବିଲା ଯିଏ ମଦିନାରୁ ୧୦ ମଞ୍ଜିଲ୍ ଦୂରତାରେ ଅବସ୍ଥିତ ଓ୍ୱାଦିଲ୍ କୁରା ର ଆଗକୁ ଅବସ୍ଥିତ ଏବଂ ମଦାଇନେ ସ୍ୱାଲେହ୍ ର ପଶ୍ଚିମରେ ଅବସ୍ଥିତ *(ଉସଦୁଲ୍ ଗାବାଃ ଫି ତମିଜି ସାହାବା ଖଣ୍ଡ-୫, ପୃ-୧୨୯....... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) (ଅଲ୍‌ଅସାବା ଫି ମାରେଫତିସ୍ ସାହାବା ଖଣ୍ଡ-୬, ପୃ-୫୨....... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୫) (ଫରହଙ୍ଗ ସିରତ୍ ପୃ-୨୩୭ ମୁଦ୍ରଣ ଜର୍‌ଦାର୍ ଏକାଡ଼େମୀ ପବ୍ଲିକେଶନ୍ସ କରାଚୀ ୨୦୦୩)*

ହଜରତ ମରାରା ବିନ୍ ରବି ବଦର ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ବୁଖାରୀ ତଥା ସାହାବାଙ୍କ ଜୀବନୀ ପୁସ୍ତକରେ ତାଙ୍କର ବଦର ଯୁଦ୍ଧରେ ସାମିଲ ହେବା କଥା ଦରଜ ରହିଛି । ଯେବେ କି ଇବ୍‌ନେ ହୁଶାମ୍ ବଦରୀ ସାହାବାମାନଙ୍କ ସୂଚୀରେ ତାଙ୍କ ନାମକୁ ଦରଜ କରିନାହାନ୍ତି । ଏ ମଧ ସେହି ତିନି ଜଣ ସହାବାଙ୍କ ମଧ୍ୟରୁ ଜଣେ ଥିଲେ ଯେ ତବୁକ୍ ଯୁଦ୍ଧରେ ସାମିଲ ହୋଇ ନଥିଲେ, ଯାହାକି ପୂର୍ବେ ଆଲୋଚନା ହୋଇସାରିଛି । ଏବଂ ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ର ଏହି ଆୟତ ମଧ ଅବତୀର୍ଣ୍ଣ କରିଛନ୍ତି ଯେ, ***ଓ୍ୱ ଅଲସ୍ ସଲାସତିଲ୍ ଲଜିନା ଖୁଲ୍ଲଫୁଁ...... ଇନଲ୍ଲାହା ହୁଅତ୍ ତଓ୍ୱାବୁର୍ ରହିମ୍ (ତୌବା: ୧୧୮)*** ଅର୍ଥାତ ଏବଂ ସେହିପରି ଉକ୍ତ ତିନିଜଣଙ୍କ ପ୍ରତି ମଧ (ସେ କୃପା କରିଥିଲେ) ଯେଉଁମାନେ ପଛରେ ରହି ଯାଇଥିଲେ; ଏପରି କି ଯେତେବେଳେ ପୃଥିବୀ ପ୍ରସସ୍ତ ଥାଇ ମଧ ସେମାନଙ୍କ ପାଇଁ ସଂକୀର୍ଣ୍ଣ ହୋଇଯାଇଥିଲା ଏବଂ ସେମାନଙ୍କ ନିଜ ଜୀବନ ମଧ ସେମାନଙ୍କ ପାଇଁ ଭାରାକ୍ରାନ୍ତ ହୋଇଥିଲା; ଏବଂ ଏହା ସେମାନଙ୍କର ହୃଦବୋଧ ହୋଇଥିଲା ଯେ, ଅଲ୍ଲାଃଙ୍କ କୋପରୁ ରକ୍ଷା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ପାଇବା ସକାଶେ ତାହାଙ୍କ ବିନା ଅନ୍ୟ କୌଣସି ଆଶ୍ରୟ ନାହିଁ; ତା'ପରେ ଅଲ୍ଲାଃ ସେମାନଙ୍କ ଅବସ୍ଥା ଲକ୍ଷ୍ୟ କରି ସେମାନଙ୍କ ପ୍ରତି କୃପା କରିଥିଲେ; ଯେପରି କି ସେମାନେ ମଧ୍ୟ ଅନୁତାପ କରିବେ; ବାସ୍ତବରେ ଅଲ୍ଲାଃ ବାରମ୍ବାର ଅନୁତାପ ଗ୍ରହଣ କରନ୍ତି (ଓ) ବାରମ୍ବାର କରୁଣା କରନ୍ତି ।

ଯେପରି କି, ପ୍ରଥମେ ଏ ବିଷୟରେ ଚର୍ଚ୍ଚା ହୋଇସାରିଛି ଯେ, ଏହି ତିନିଜଣ ଯାକ ପଛରେ ରହିଯାଇଥିବା ସାହାବାମାନେ ହେଉଛନ୍ତି ହଜରତ କାଆବ୍ ବିନ୍ ମାଲିକ୍, ହଜରତ ମରାରା ବିନ୍ ରବିଇ ଏବଂ ହଜରତ ହିଲାଲ୍ ବିନ୍ ଉମୈୟା ଥିଲେ ଏବଂ ଏହି ତିନିଜଣ ଯାକ ଅନ୍‌ସାର ମଧ୍ୟ ଥିଲେ । *(ସହି ବୁଖାରୀ କିତାବୁଲ୍ ମଗାଜି....... ହଦିସ୍ ୪୪୧୮) (ଉସଦୁଲ୍ ଗାବାଃ...... ଖଣ୍ଡ-୫, ପୃ-୧୨୯...... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) ।*

ସେଥିରେ ହଜରତ ମରାରା ବିନ୍ ରବିଙ୍କ ସଂକ୍ରାନ୍ତରେ ଭିନ୍ନ କିଛି ବର୍ଣ୍ଣନା ନାହିଁ, କେବଳ କାବ୍ ବିନ୍ ମାଲିକ୍‌ଙ୍କର ବିସ୍ତାର ବର୍ଣ୍ଣନା ହିଁ ଉଲ୍ଲେଖ ରହିଛି । ଯାହାକି ପୂର୍ବ ଖୁତବାରେ ମୁଁ ଆଲୋଚନା କରିସାରିଛି । ତେଣୁ ଏଠାରେ ପୂର୍ନବାର ବର୍ଣ୍ଣନା କରିବା କିଛି ଆବଶ୍ୟକ ନାହିଁ ।

ପରବର୍ତ୍ତୀ ସାହାବୀ ହେଲେ ହଜରତ ଉତବା ବିନ୍ ଗଜ୍‌ୱାନ୍ । ତାଙ୍କ କୁନିୟତ ହେଉଛି ଅବୁ ଅବଦୁଲ୍ଲାଃ ଏବଂ ଅବୁ ଗଜ୍‌ୱାନ୍ । ହଜରତ ଉତ୍‌ବା ର:ଅ ବନୁ ନୌଫିଲ୍ ବିନ୍ ଅବ୍‌ଦେ ମନାଫ୍‌ର ମିତ୍ର ଥିଲେ । ହଜରତ ଉତ୍‌ବାଙ୍କ ବାପାଙ୍କ ନାମ ଗଜ୍‌ୱାନ୍ ବିନ୍ ଜାବିର ଥିଲା । ହଜରତ ଉତ୍‌ବା ର:ଅ ଙ୍କ କୁନିୟତ୍ ଅବୁ ଅବଦୁଲ୍ଲାଃ ବ୍ୟତିତ ଅବୁ ଗଜ୍‌ୱାନ ଥିଲା ବୋଲି ବର୍ଣ୍ଣିତ ଅଛି । ହଜରତ ଉତ୍‌ବା ଅର୍‌ଦାଃ ବିନ୍‌ତେ ହାରିସ୍ ସହିତ ବିବାହ କରିଥିଲେ । ହଜରତ ଉତବା ସ୍ୱଂୟ ବର୍ଣ୍ଣନା କରନ୍ତି କି ମୁଁ ସେହିମାନଙ୍କ ମଧ୍ୟରୁ ସପ୍ତମ ବ୍ୟକ୍ତି ଥିଲି ଯେ ସର୍ବପ୍ରଥମେ ଇସଲାମ ଧର୍ମ ସ୍ୱୀକାର କରି ହଜୁର ସ.ଅଙ୍କ ସହ ସମ୍ମିଳିତ ହୋଇଥିଲେ । ଇବ୍‌ନେ ଅସିରଙ୍କ କହିବାନୁଯାୟୀ ହଜରତ ଉତବା ଯେତେବେଳେ ହବ୍‌ଶା ଅଭିମୂଖେ ପ୍ରବାସ କଲେ ସେତେବେଳେ ତାଙ୍କୁ ୪୦ବର୍ଷ ବୟସ ହୋଇଥିଲା । ଯେବେ କି, ଇବ୍‌ନେ ସାଆଦ୍‌ଙ୍କ ମୁତାବକ ଏହା ବର୍ଣ୍ଣିତ ଅଛି ଯେ, ମଦିନା ହିଜ୍‌ରତ୍ କରିବା ବେଳେ ସେ ୪୦ ବର୍ଷର ହୋଇଥିଲେ । ସେ ହବ୍‌ଶାରୁ ମକ୍କା ପତ୍ୟାବର୍ତନ କରିବା ବେଳେ ମଧ୍ୟ ହଜୁର ମକ୍କାରେ ହିଁ ଉପସ୍ଥିତ ଥିଲେ । ହଜରତ ଉତବା ହଜୁର ସ.ଅଙ୍କ ସାଥିରେ ଅବସ୍ଥାନ କଲେ, ଏପରିକି ସେ ହଜରତ ମିକ୍‌ଦାଦଙ୍କ ସାଥିରେ ମଦିନା ହିଜ୍‌ରତ୍ (ପ୍ରବାସ) କଲେ । ଏବଂ ଏହି ଦୁଇଜଣ ଯାକ ପ୍ରାରମ୍ଭିକ ସଦସ୍ୟ ଅଟନ୍ତି ଯେଉଁମାନେ ପ୍ରାରମ୍ଭରୁ ଇସ୍‌ଲାମ୍ ଗ୍ରହଣ କରିଥିବା ଲୋକମାନଙ୍କ ଭିତରୁ ଥିଲେ । *(ଉସ୍‌ଦୁଲ୍ ଗାବାଃ......... ଖଣ୍ଡ-୩, ପୃ-୫୫୮ ରୁ ୫୫୯ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୭୨, ....ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୦) (ଇନ୍‌ତାବୁଲ୍ ଅସମା ଖଣ୍ଡ-୬, ପୃ-୩୩୧...... ବେରୁତ ୧୯୯୯) ।*

ହଜରତ ଉତ୍‌ବା ବିନ୍ ଗଜ୍‌ୱାନ ର:ଅ ଏବଂ ହଜରତ ମିକ୍‌ଦାତ୍ ବିନ୍ ଅସ୍ୱଦ ର:ଅ ଏହି ଦୁଇଜଣଙ୍କ ମଦିନା ହିଜରତ କରିବାର ଘଟଣା ଏପରି ରହିଛି ଯେ, ମକ୍କାରୁ ସେହି ଦୁଇଜଣଯାକ କୁରୈଶ୍‌ର ସେନାମାନଙ୍କ ସହିତ ବାହାରିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ଉବୈଦ୍ ବିନ୍ ହାରିସ ର:ଅଙ୍କ ନେତୃତ୍ୱରେ ମୁସଲମାନମାନଙ୍କର ଗୋଟିଏ ଦଳ ସନିୟତୁଲ୍ ମରାଃ, ଏହା ରାବିଗ୍ ସହରର ଉତରପୂର୍ବରେ ପାଖାପାଖି ୫୫ କି.ମି ଦୂରତାରେ ଅବସ୍ଥିତ । ଏବଂ ମଦିନା ମନୱାରାରୁ ତାହାର ଦୁରତା ଉଣା ଅଧିକେ ୨୦୦ କି.ମି ଏମାନେ ସେଆଡ଼କୁ ଗସ୍ତକଲେ ଆଁ ହଜରତ ସ:ଆ:ସ ଏହି ସେନା ଦଳକୁ ପ୍ରେରଣ କଲେ । କୁରୈଶ୍ ସେନାଙ୍କ ନେତୃତ୍ୱ ଅକ୍‌ରମା ବିନ୍ ଅବୁ ଜହଲ୍ କରୁଥିଲା । ଏହି ଦୁଇଦଳଙ୍କ ମଧ୍ୟରେ ଯୁଦ୍ଧ ହେଲା ନାହିଁ କେବଳ ଗୋଟିଏ ତୀର ଚାଳନା କରାଯାଇଥିଲା ଯାହାକୁ ହଜରତ ସାଆଦ୍ ବିନ୍ ଅବି ବକାସ୍ ର:ଅ ଚାଳନା କରିଥିଲେ ଏବଂ ତାହା ଖୁଦାତାଲାଙ୍କ ମାର୍ଗରେ ଚଳାଯାଇଥିବା ପ୍ରଥମ ତୀର ଥିଲା । ସେହିଦିନ ଉତ୍‌ବା ବିନ ଗଜ୍‌ୱାନ୍ ର:ଅ ଏବଂ ହଜରତ ମିକ୍‌ଦାଦ୍ ର:ଅ ସେମାନଙ୍କ ନିକଟରୁ ପଳାୟନ କରି ମୁସଲମାନମାନଙ୍କ ସହିତ ମିଶିଗଲେ । *(ଇଟ୍‌ଲିସ୍ ସିର୍‌ତେ ନବୱିଇ, ସରିୟା ଉବୈଦ୍ ବିନ୍ ହାରିସ୍ ପୃ-୧୯୬, ମକ୍‌ତବା ଦାରୁ ସଲାମ୍) (ଅଲ୍ ଇସ୍‌ତିଆବ........ଖଣ୍ଡ-୪, ପୃ-୧୪୮୦ ରୁ ୧୪୮୧......... ଦାରୁଲ୍ ଜଏଲ୍ ବେରୁତ)* ଏମାନେ ସେହି କାଫିଲା ସହିତ ଆସିଥିଲେ ଅର୍ଥାତ କାଫିରମାନଙ୍କ ସହିତ ମିଶିଆସିଥିଲେ କିନ୍ତୁ ଏପଟକୁ ଚାଲିଆସିଲେ ଯେମିତି କି ପୂର୍ବରୁ ହଜରତ ମିକ୍‌ଦାଦ୍ ର:ଅଙ୍କ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଛି ।

ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବ ର:ଅ ସିରତେ ଖାତ୍‌ମୁନ୍ ନବୱିଇ ପୁସ୍ତକରେ ଇତିହାସ ପୁସ୍ତକରୁ ନେଇ ଜିହାଦ୍ ବିସ୍ ସୈଫ୍ ଅର୍ଥାତ ତରବାରୀ ଜରିଆରେ ଯୁଦ୍ଧ କରିବାର ପ୍ରାରମ୍ଭ ଏବଂ ଆଁ ହଜରତ ସ:ଆ:ସଙ୍କ ପ୍ରତୀରକ୍ଷା ମୁଳକ କାରବାଇର ଚର୍ଚ୍ଚା କରି ଏଭଳି ବର୍ଣ୍ଣନା କରିଛନ୍ତି ଯେ, ଖଡ୍‌ଗ ମାଧ୍ୟମରେ ଜିହାଦ୍ କରିବାର ପ୍ରଥମ ଐଶିବାଣୀ ୨ହିଜରୀ ସଫର ମାସରେ ଅବତୀର୍ଣ୍ଣ ହୋଇଥିଲା । ଅର୍ଥାତ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବାର ଯେଉଁ ଘୋଷଣା କରାଯାଇଥିଲା ତାହା ଅଲ୍ଲାଃ ତାଲାଙ୍କ ଇଙ୍ଗିତରେ ହିଜ୍‌ରତ୍ ସମୟରେ କରାଯାଇଥିଲା ଓ ଏହାର ଔପଚାରିକ ଘୋଷଣା ସଫର ମାସ ୨ ହିଜରୀରେ କରାଯାଇଥିଲା ଯେବେ କି, ଆଁ ହଜରତ ସ:ଆ:ସ ମଦିନାରେ ଅବସ୍ଥାପିତ ହେବାର କାର୍ଯ୍ୟକ୍ରମରୁ ବିରତି ପାଇସାରିଥିଲେ ଏବଂ ଏହିପରି ଯିହାଦ୍ ର ସୁଭରମ୍ଭ ହୋଇଗଲା । ଇତିହାସ ପୃଷ୍ଠାରୁ ଜଣା ଯାଉଛି ଅମାନ୍ୟକାରୀଙ୍କ କବଳରୁ ମୁସଲମାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ହଜୁର ସ.ଅ ଚାରୋଟି ବିଶେଷ ପଦକ୍ଷେପ ଗ୍ରହଣ କରିଥିଲେ, ଯାହାକି ଆପଣଙ୍କ ଉଚ୍ଚ ରାଜନୈତିକ ଦକ୍ଷତା ଓ ଯୁଦ୍ଧ ପ୍ରବୀଣ ଏବଂ ତାହାର ପରିଣାମର ଦୂରଦର୍ଶିତା ପ୍ରମାଣିତ କରୁଅଛି ।

ଉକ୍ତ ପଦକ୍ଷେପ ଏହା ଥିଲା କି **ପ୍ରଥମ** ଆପଣ ସ୍ୱଂୟ ଯାତ୍ରା କରି (ମଦିନାର) ଆଖପାଖରେ ବସବାସ କରୁଥିବା ଗୋଷ୍ଠୀ ସମୁହ ସହ ଶାନ୍ତିର ଚୁକ୍ତି କରିବା ଆରମ୍ଭ କଲେ । ଯଦ୍ୱାରା ମଦିନାର ଆଖପାଖ ଅଂଚଳ ସୁରକ୍ଷିତ ରହିବ । ଏ ପ୍ରସଙ୍ଗରେ ଆପଣ ସ:ଆ:ସ ବିଶେଷରୂପେ ସେହି ସମସ୍ତ କବିଲାଗୁଡ଼ିକୁ ଦୃଷ୍ଟି ଆଗରେ ରଖିଥିଲେ ଯେଉଁମାନେ କୁରୈଶ୍ ମାନଙ୍କର ସିରିୟା ଯାତ୍ରା କରିବା ସମୟରେ ସେହି ରାସ୍ତାର ନିକଟ ଓ ପାଖାପାଖି ଇଲାକାରେ ବସବାସ କରୁଥିଲେ କାରଣ ଯେମିତିକି ପ୍ରତ୍ୟେକ ବ୍ୟକ୍ତି ଏକଥା ବୁଝିପାରେ ଯେ, ଏହା ହିଁ ସେହି ସବୁ କାବିଲାଗୁଡ଼ିକ ଥିଲା ଯେଉଁମାନଙ୍କ ସାହାଯ୍ୟରେ ମକ୍କାର କୁରୈଶ୍‌ମାନେ ମୁସଲମାନମାନଙ୍କ ବିରୋଧରେ ସାହାଯ୍ୟ ନେଇପାରିଥାନ୍ତେ ଏବଂ ସେମାନଙ୍କର ଶତୃତା ମୁସଲମାନମାନଙ୍କୁ ବିପଦରେ ପକାଇପାରିଥାନ୍ତା ।

**ଦ୍ୱିତୀୟ** ଆପଣ ଛୋଟ ଛୋଟ ଗୁପ୍ତଚର ଦଳ ମଦିନାର ବିଭିନ୍ନ ଦିଗରେ ପ୍ରେରଣ କଲେ ଯଦ୍ୱାରା ଆପଣଙ୍କୁ କୁରେଶ୍ ଓ ସେମାନଙ୍କ ସାହାର୍ଯ୍ୟକାରୀଙ୍କ ହରକତ ସମ୍ବନ୍ଧରେ ସୂଚନା ମିଳିପାରିବ ଏବଂ କୁରେଶ୍‌ଙ୍କୁ ମଧ୍ୟ ଜ୍ଞାତ ହୋଇଯିବ ଯେ ମୁସଲମାନମାନେ ହାତବାନ୍ଧି ବସିପଡ଼ି ନାହାନ୍ତି । ଏପରି ମଦିନା ଉପରେ ଶତ୍ରୁର ହଠାତ୍ ଆକ୍ରମଣରୁ ତାହା ସୁରକ୍ଷିତ ରହିପାରିବ ।

ମଦିନା ପହଂଚିବାପରେ ତୃତୀୟ ପଦକ୍ଷେପ ଆଁ ହଜରତ ସ:ଆ:ସ ସେତେବେଳେ ଉଠାଇଲେ ଅର୍ଥାତ ସେହି ଦଳଗୁଡ଼ିକୁ ପଠାଇବାରେ ଗୋଟିଏ କାରଣ ମଧ୍ୟ ନିହିତ ଥିଲା ଯେ, ସେମାନଙ୍କ ଜରିଆରେ ମକ୍କା ଏବଂ ତା'ର ଆଖପାଖର ଦୃବଳ ଓ ଗରିବ ଶ୍ରେଣୀର ମୁସଲମାନମାନଙ୍କୁ ମଦିନାର ମୁସଲମାନମାନଙ୍କ ସହିତ ଆସି ମିଶିଯିବାର ଅବସର ମିଳିଯାଉ କାରଣ ଏ ପର୍ଯ୍ୟନ୍ତ ମକ୍କା ଇଲାକାରେ ଏପରି କେତେକ ଲୋକେ ଉପସ୍ଥିତ ଥିଲେ ଯେଉଁମାନେ ହୃଦୟ ଭିତରୁ ତ ମୁସଲମାନ ହୋଇସାରିଥିଲେ କିନ୍ତୁ କୁରୈଶଙ୍କ ଅତ୍ୟାଚାର ଯୋଗୁଁ ସେମାନେ ସେମାନଙ୍କର ଇସଲାମ କୁ ଖୋଲାଖୋଲି ଭାବେ ପ୍ରକାଶ କରିପାରୁନଥିଲେ ସେହିପରି ସେମାନଙ୍କୁ ତାଙ୍କ ଦୃବଳାତ ଓ ଗରିବୀ ଯୋଗୁଁ ହିଜ୍‌ରତ କରିବାର ଶକ୍ତି ମଧ୍ୟ ନଥିଲା କାରଣ କୁରୈଶ୍ ଏହିଭଳି ଲୋକମାନଙ୍କୁ ହିଜ୍‌ରତ୍ କରିବାରୁ ଜୋର ଜବରଦସ୍ତି ରୋକୁଥିଲେ । ସୁତରାଂ ପବିତ୍ର କୋରାନ୍‌ରେ ଖୁଦାତାଲା କହିଛନ୍ତି: ***ୱମାଲକୁମ୍ ଲା ତୁକାତିଲୁନା ଫି ସବିଲିଲ୍ଲାହି........ ୱଜ୍‌ଅଲ୍ ଲନା ମିଲ୍ ଲଦୁନ୍‌କା ନସିରା (ନିସା: ୭୬)*** ଅର୍ଥାତ ଏବଂ ତୁମମାନଙ୍କର କ'ଣ ହୋଇଅଛି ଯେ, ତୁମେମାନେ ଅଲ୍ଲାଃଙ୍କ (ଉଦ୍ଦେଶ୍ୟରେ) ଏବଂ ସେହି ଦୃବଳ ପୁରୁଷ, ନାରୀ ଓ ଶିଶୁମାନଙ୍କ (ରକ୍ଷା) ଉଦ୍ଦେଶ୍ୟରେ ସଂଗ୍ରାମ କରୁନାହଁ ଯେଉଁମାନେ କୁହନ୍ତି, "ହେ ଆମର ପାଳନକର୍ତ୍ତା ! ଆମମାନଙ୍କୁ ଏହି ଗ୍ରାମରୁ ଉଦ୍ଧାର କର ଯାହାର ଅଧିବାସୀ ହେଉଛନ୍ତି ଅତ୍ୟାଚାରୀ ଓ ନିଜ ସମୀପରୁ ଆମମାନଙ୍କ ପାଇଁ କୌଣସି ବନ୍ଧୁ ପ୍ରେରଣ କର ଓ ନିଜ ସମୀପରୁ (କାହାରିକୁ) ଆମମାନଙ୍କର ସାହାଯ୍ୟକାରୀ (ରୁପେ ଛିଡ଼ା) କର ।" **ତୃତୀୟରେ** ଉକ୍ତ ଗୁପ୍ତଚର ଦଳଙ୍କୁ ପ୍ରେରଣ କରିବା ପଛରେ ଆଉ ଏକ ଉଦ୍ଦେଶ୍ୟ ଏହା ଥିଲା କି ସେମାନଙ୍କ ମାଧ୍ୟମରେ ମକ୍କା ଓ ତାହାର ଆଖପାଖରେ ବସବାସ କରୁଥିବା ଦୁର୍ବଳ ଓ ଗରିବ ମୁସଲମାନମାନଙ୍କୁ ମଦିନାରେ ମୁସଲମାନମାନଙ୍କ ସହିତ ମିଳିମିଶି ବସବାସ କରିବାର ମୌକା ମିଳିଯିବ ତଥା ସେମାନଙ୍କୁ ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ମିଳିଯିବ । ଅର୍ଥାତ ଏପରି ଲୋକ କୁରେଶ୍‌ର ଦଳ ସାଥିରେ ଆସି ମଦିନା ନିକଟବର୍ତ୍ତୀ ହେବା ମାତ୍ରେ ଦୌଡ଼ି ଆସି ମୁସଲମାନ ଦଳରେ ସାମିଲ ହୋଇଯିବେ । ହଜରତ ମିର୍ଜା ବଶୀର୍ ଅହମଦ୍ ସାହେବ ର:ଅ ଲେଖୁଛନ୍ତି ଯେ, ସୁତରାଂ ଇତିହାସରୁ ମଧ୍ୟ ପ୍ରମାଣିତ ହୋଇଛି ଯେ, ଆଁ ହଜରତ ସ:ଆ:ସ ଯେଉଁ ପ୍ରଥମ ଦଳଟିକୁ ପଠାଇଥିଲେ ତାହାକୁ ଉବୈଦ୍‌ଃ ବିନ୍ ଅଲ୍ ହାରିସ୍‌ଙ୍କ ନେତୃତ୍ୱରେ ପଠାଇଥିଲେ ତାହା ସହିତ ଅକ୍‌ରମା ବିନ୍ ଅବୁ ଜହଲର ନେତୃତ୍ୱରେ ଆସିଥିବା ଗୋଟିଏ ଦଳର ମୁହାଁମୁହି ହୋଇଯାଇଥିଲା ସେଥିରେ ମକ୍କାର ଦୁଇଜଣ ଦୁର୍ବଳ ମୁସଲମାନ ଯେଉଁମାନେ କୁରୈଶଙ୍କ ସହିତ ମିଶି ଚାଲିଆସିଥିଲେ ସେମାନେ କୁରୈଶ୍‌ଙ୍କୁ ଛାଡ଼ି ମୁସଲମାନମାନଙ୍କ ସହିତ ଆସି ମିଶିଗଲେ । ସୁତରାଂ ରିୱାୟତରେ ଆସୁଛି ଯେ, ସେହି ଅଭିଯାନରେ ଯେତେବେଳେ ମୁସଲମାନମାନଙ୍କ ଦଳ କୁରୈଶ୍ ସେନାଙ୍କ ସମ୍ମୁଖୀନ ହେଲା ସେତେବେଳେ ଦୁଇଜଣ ବ୍ୟକ୍ତି ମିକ୍‌ଦାଦ୍ ବିନ୍ ଅମ୍‌ରୋ ଏବଂ ଉତ୍‌ବା ବିନ୍ ଗଜ୍‌ୱାନ ଯିଏ ବନୁ ଜୁହୈରା ଏବଂ ବନୁ ନୌଫିଲ୍‌ର ମିତ୍ର ଥିଲେ, ସେମାନେ ମୁସ୍‌ରିକମାନଙ୍କଠାରୁ ପଳାୟନ କରି ମୁସଲମାନମାନଙ୍କ ସହିତ ଆସି ମିଶିଗଲେ । ଏବଂ ଏହି ଦୁଇଜଣଯାକ ମୁସଲମାନ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

"ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ"

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

"ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ"

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଥିଲେ କେବଳ କୁଫାର୍ ମାନଙ୍କର ସାହାରା ନେଇ ମୁସଲମାନମାନଙ୍କ ସହିତ ଆସି ମିଶିଯିବା ନିମନ୍ତେ ବାହାରିଥିଲେ ସୁତରାଂ ଏହି ଦଳ ଗୁଡ଼ିକୁ ପ୍ରେରଣ କରିବାର ଗୋଟିଏ ଉଦ୍ଦେଶ୍ୟ ଆଁ ହଜରତ ସ:ଆ:ସଙ୍କ ଏହା ମଧ୍ୟ ଥିଲା ଯେ, ସେହିପରି ଲୋକମାନଙ୍କୁ ଅତ୍ୟାଚାରୀ କୁରୈଶ୍ଙ୍କ ନିକଟରୁ ମୁକ୍ତି ମିଳିବା ଏବଂ ମୁସଲମାନମାନଙ୍କ ସହିତ ଆସି ମିଶିଯିବାର ମୌକା ମିଳିଚାଲୁ ।

**ଚତୁର୍ଥରେ** ଆପଣ କୁରେଶ୍ର ବାଣିଜ୍ୟ କାରବାରୀ ଗୋଷ୍ଠୀଙ୍କ ରାସ୍ତା ରୋକିବା ଆରମ୍ଭ କଲେ ଯେ ମକ୍କାରୁ ସିରିୟା ଯାତାୟତ କରିବା ବେଳେ ମଦିନା ବାଟ ଦେଇ ଅତିକ୍ରମ କରୁଥିଲେ । କାରଣ ଉକ୍ତ ଦଳସମୂହ ଯେଉଁ ଅଂଚଳକୁ ଯାଉଥିଲେ, ସେଠାରେ ମୁସଲମାନମାନଙ୍କ ବିରୁଦ୍ଧରେ ଘୃଣାର ଅଗ୍ନି ପ୍ରଜ୍ୱଳିତ କରୁଥିଲେ । ତେଣୁ ମଦିନାର ଚତୁପାର୍ଶ୍ୱରେ ଯେଉଁଭଳି ଇସଲାମ ବିରୁଧରେ ଶତ୍ରୁତାର ମଞ୍ଜି ବୁଣାଯାଉଥିଲା ତାହା ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା ।

ଦ୍ୱିତୀୟରେ ଏହି ଦଳସମୂହ ସର୍ବଦା ଅସ୍ତ୍ରଶସ୍ତ୍ରରେ ସୁସଜିତ ରହୁଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ବୁଝିପାରୁଥିବ ଯେ ଏପରି (ବ୍ୟାପାରୀ) ଦଳ ମଦିନାର ନିକଟରୁ ଅତିକ୍ରମ କରିବା କଦାପି (ମଦିନାବାସୀ)ଙ୍କ ପାଇଁ ସୁରକ୍ଷିତ ନଥିଲା । ତୃତୀୟ କଥା ଏହି କି ଯେ, କୁରେଶ୍ର ଅଧିକାଂଶ ଖର୍ଚ୍ଚ ଏହି ବାଣିଜ୍ୟ କାରବାର ଦ୍ୱାରା ପୂରଣ ହେଉଥିଲା ଏବଂ ଏପରି ଅବସ୍ଥାରେ କୁରେଶ୍କୁ ପରାଜିତ କରିବା ଏବଂ ସେମାନଙ୍କୁ ସେମାନଙ୍କ ଅତ୍ୟାଚାରରୁ ନିବୃତ ରଖିବା ତଥା ସେମାନଙ୍କୁ ସନ୍ଧି କରିବା ପାଇଁ ବିବଶ କରିବା ନିମନ୍ତେ ତାଙ୍କର ବାଣିଜ୍ୟ ମାର୍ଗ ବନ୍ଦ କରିବା ଏକ ନିଶ୍ଚିତ ଓ ପ୍ରଭାବଶାଳୀ ମାଧ୍ୟମ ଥିଲା । ଅତଏବ ଇତିହାସ ଏହାର ସାକ୍ଷୀ ଯେ ଯେଉଁ ପଦକ୍ଷେପ କୁରେଶ୍ଙ୍କୁ ଶେଷରେ ସନ୍ଧି କରିବା ପାଇଁ ବାଧ କରିଥିଲା, ସେଥିରେ ସେମାନଙ୍କ ବ୍ୟବସାୟୀ ଦଳର ଦଖଲ ବେଶ୍ ଅଧିକ ଥିଲା । ସୁତରାଂ ଏହା ଏକ ଅତ୍ୟନ୍ତ ବୁଦ୍ଧିମାନ ଯୋଜନା ଥିଲା ଯାହା ଉଚିତ ସମୟରେ ସଫଳତା ଆଣିଦେଇଥିଲା ।

ପୁଣି ଏହା ମଧ୍ୟ ହୋଇଥିଲା ଯେ, କୁରୈଶ୍ର ଉକ୍ତ କାଫିଲାଗୁଡ଼ିକର ଲାଭ ବେଳେବେଳେ ଇସ୍‌ଲାମ୍‌କୁ ଶେଷ କରିଦେବାପାଇଁ ଚେଷ୍ଟା କରିବାରେ ଖର୍ଚ୍ଚ ହେଉଥିଲା ବରଂ କେତେକ କାଫିଲାଙ୍କୁ ତ ବିଶେଷରୂପେ ଏହି କାରଣ ଯୋଗୁଁ ପ୍ରେରଣ କରାଯାଉଥିଲା ଯେ, ସେମାନଙ୍କର ସବୁ ଲାଭତକ ମୁସଲମାନମାନଙ୍କ ବିରୋଧରେ ବ୍ୟବହାର କରାଯିବ । ଏହିଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ଏହି କଥା ବୁଝିପାରୁଥିବେ ଯେ, ଉକ୍ତ କାଫିଲାଗୁଡ଼ିକୁ ରୋକି ଦେବା ପାଇଁ ଯେଉଁ ପଦକ୍ଷେପ ନିଆଯାଇଥିଲା ତାହା ସମ୍ପୂର୍ଣ୍ଣରୂପେ ଉଚିତ ପଦକ୍ଷେପ ଥିଲା । *(ସିରତ୍ ଖାତମୁନ୍ ନବିଇନ୍....... ପୃ-୩୨୩ ରୁ ୩୨୪)*

ସରିୟା ଉବେଦା ବିନ୍ ହାରିସ୍ ର:ଅ ଯେଉଁଥିରେ ହଜରତ ଉତ୍‌ବା କୁରୈଶଙ୍କ ସେନାଙ୍କଠାରୁ ବାହାରି ଆସି ମୁସଲମାନମାନଙ୍କ ସହିତ ମିଶିଯାଇଥିଲେ ତାହାର ଆଉ କିଛି କଥା ଏହିଭଳି ରହିଛି । କିଛି ଭାଗକୁ ମୁଁ ବିଗତ କୌଣସି ଏକ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି ସେ ଯାହା ହେଉ ସଂକ୍ଷିପ୍ତରେ ଏଠାରେ କିଛି ବର୍ଣ୍ଣନା କରିଦେଉଛି ଯେ, ୨ହିଜରୀର ରବିଉଲ୍ ଅୱ୍ୱଲ୍ ମାସରେ ପ୍ରାରମ୍ଭରେ ହଜୁର ସ.ଅ ନିଜର ଜଣେ ନିକଟ ସମ୍ପର୍କୀୟ ଅବିଦ୍ ବିନ୍ ହାରିସ୍ ମୁତଲବିଙ୍କ ଅଧକ୍ଷତାରେ ୬୦/୭୦ଜଣ ଆରୋହୀ ମୁହାଜରିନ୍‌ଙ୍କର ଏକ ଦଳ ପ୍ରେରଣ କଲେ । ଏହି ଅଭିଯାନର ଉଦ୍ଦେଶ୍ୟ ମଧ୍ୟ ଏହା ଥିଲା କି ମକ୍କାର କୁରୈଶ୍ଙ୍କ ଆକ୍ରମଣକୁ ପ୍ରତିରୋଧ କରାଯାଇପାରିବ । ମୁଁ ଏଠାରେ ସିରତ୍ ଖାତ୍‌ମୁନ୍ ନବିଇନ୍ ର ହବାଲା ଦେଉଅଛି । ଯେତେବେଳେ ଉକ୍ତ ଦଳ ସନିୟାତୁଲ୍ ମରା ନିକଟରେ ପହଂଚି ସେଠାରେ କୁରେଶ୍ର ଅକରମା ବିନ୍ ଅବୁ ଜହଲ୍‌ଙ୍କ ନେତୃତ୍ୱରେ ୨୦୦ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଲୋକଙ୍କୁ ଡ଼େରା ଲଗାଇ ପୂର୍ବରୁ ଉପସ୍ଥିତ ଥିବାର ଦେଖିବାକୁ ପାଇଲେ । ଅତଏବ ସେଠାରେ ଉଭୟ ଦଳ ମଧ୍ୟରେ ମୁକାବିଲା ଆରମ୍ଭ ହୋଇଗଲା କିନ୍ତୁ ଅବିଶ୍ୱାସକାରୀ ଦଳ ଏହି ଭୟରେ କି ମୁସଲମାନମାନଙ୍କ ପଛରେ ଆଉ କିଛି ସାହାର୍ଯ୍ୟକାରୀ ପ୍ରଚ୍ଛନ୍ନ ରହିଥିବେ (ଭ୍ରାନ୍ତ ଧାରଣାରେ) ମୁକାବିଲାରୁ ପଛଘୁଂଚା ଦେଲେ । ସେତେବେଳେ ଅବିଶ୍ୱାସକାରୀଙ୍କ ଦଳରୁ ଦୁଇ ଜଣ ବ୍ୟକ୍ତି ମିକଦାଦ୍ ବିନ୍ ଉମରୋ ଓ ଉତବା ବିନ୍ ଗଜୱାନ୍ ଅକ୍‌ରମା ବିନ୍ ଅବୁଜହଲ୍‌ଙ୍କ ସେନାଦଳରୁ ଖସି ଆସି ମୁସଲମାନମାନଙ୍କ ସହ ମିଳିତ ହେଲେ, କାରଣ ସେମାନେ ଅନ୍ତରରୁ ମୁସଲମାନ ଥିଲେ । ଯେ କି ପୁର୍ବରୁ କୁରେଶ୍ଙ୍କ ଭୟରେ ପ୍ରବାସ କରିପାରି ନଥିଲେ । ହଜରତ ମିର୍ଜା ବଶିର୍ ଅହମଦ୍ ସାହେବ ର:ଅ ଅନୁଶୀଳନ କରିଛନ୍ତି ଯେ, ସମ୍ଭବତଃ ଏହି ଘଟଣାଟି କୁରୈଶଙ୍କୁ ନିରୁତ୍ସାହିତ କରିଦେଇଥିବ ଓ ସେମାନେ ଏହାକୁ ଅଶୁଭ ବିବେଚନା କରି ପଛଘୁଂଚା ଦେବାପାଇଁ ନିଷ୍ପତି କରିନେଇଥିବେ । ଇତିହାସରେ ଏହା ଉଲ୍ଲେଖ ନାହିଁ ଯେ, କୁରୈଶ୍ର ଏହି ସେନା ଦଳ ନିଶ୍ଚିତରୂପେ କୌଣସି ବଣିକ କାଫିଲା ଥିଲା । ଏ ବିଷୟରେ ଇବ୍‌ନେ ଇସ୍‌ହାକ୍ ଏକଥା ଲେଖିଛନ୍ତି କି, ଯମାଏ ଅଜିମ୍ ଅର୍ଥାତ ଗୋଟିଏ ବହୁତ ବଡ଼ ସେନାଦଳ ଯିଏ କୌଣସି ବିଶେଷ କାର୍ଯ୍ୟ କରିବାପାଇଁ ସେଠାକୁ ଯାଇଥିଲା କିନ୍ତୁ ଏକଥା ନିଶ୍ଚିତ ଯେ, ସେମାନଙ୍କର ନିୟତ ଭଲ ନଥିଲା । ଏହା ଅଲ୍ଲାଃଙ୍କ କୃପା ଥିଲା କି ମୁସଲମାନମାନଙ୍କୁ ସଜାଗ ପାଇ ଏବଂ ନିଜ ଦଳରୁ କିଛିଙ୍କୁ ବିରୋଧିଙ୍କ ଦଳରେ ସାମିଲ ହେବାର ଦେଖି ଅବିଶ୍ୱାସକାରୀଙ୍କୁ ମୁକାବିଲା କରିବାର ଆଉ ସାହସ ଜୁଟିଲା ନାହିଁ । ସୁତରାଂ ସେମାନେ ସେଠାରୁ ଫେରି ଚାଲିଗଲେ ଓ ସାହାବାମାନଙ୍କୁ ଏହି ଅଭିଯାନରେ ଯେଉଁ ଲାଭ ମିଳିଲା ତାହା ହେଉଛି ଏପରି କି, ଦୁଇଜଣ ମୁସଲମାନ ଆତ୍ମା କୁରୈଶ୍ର ଅତ୍ୟାଚାରରୁ ମୁକ୍ତି ପାଇଗଲେ । *(ସିରତ୍ ଖାତ୍‌ମୁନ୍ ନବିଇନ୍.......... ପୃ-୩୨୮ ରୁ ୩୨୯)*

ହଜରତ ଉତ୍‌ବା ବିନ୍ ଗଜ୍‌ୱାନ ର:ଅ ଏବଂ ତାଙ୍କର ସ୍ୱାଧୀନ ଗୁଲାମ୍ ଖବାବ୍ ଯେତେବେଳେ ମକ୍କାରୁ ମଦିନାଆଡ଼କୁ ହିଜ୍‌ରତ୍ କଲେ ସେତେବେଳେ ସେ କୁବାଠାରେ ହଜରତ ଅବଦୁଲ୍ଲାଃ ବିନ୍ ସଲ୍‌ମା ଅଜ୍‌ଲାନିଙ୍କ ଘରେ ରହିଲେ ଏବଂ ଯେତେବେଳେ ହଜରତ ଉତ୍‌ବା ମଦିନା ପହଂଚିଲେ ସେ, ହଜରତ ଅବ୍‌ବାଦ୍ ବିନ୍ ବିଶର୍ ର:ଅଙ୍କ ଘରେ ରହିଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ଉତ୍‌ବା ବିନ୍ ଗଜ୍‌ୱାନ ର:ଅ ଏବଂ ହଜରତ ଅବୁ ଦୁଖାନା ର:ଅଙ୍କ ମଧ୍ୟରେ ମୁଆଖାତ୍ (ଅର୍ଥାତ ଭାତୃଭାବ) ସ୍ଥାପନ କରିଥିଲେ *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୭୩..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) (ସିରତୁନ ନବୱିୟା ଲେ ଇବ୍‌ନେ ହୁଶାମ୍ ପୃ- ୨୨୦........ ଦାରେ ଇବ୍‌ନେ ହଜମ୍ ବେରୁତ ୨୦୦୯)*

ହଜରତ ଉତ୍‌ବା ବିନ୍ ଗଜ୍‌ୱାନ ର:ଅଙ୍କ ସମ୍ବନ୍ଧରେ ଆହୁରି କିଛି କଥା ମଧ୍ୟ ରହିଛି ଇନ୍‌ଶାଅଲ୍ଲାଃ ତାହା ମୁଁ ଆସନ୍ତାକୁ ବର୍ଣ୍ଣନା କରିବି ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଏକ ଘୋଷଣା କରିବାକୁ ଚାହେଁ ତାହା ଏହି କି ଯେ ଆମେ ଦୈନିକ ପତ୍ରିକା **ଅଲ ଫଜଲ୍**ର ୱେବସାଇଟ୍ ପ୍ରସ୍ତୁତ କରିନେଇଛୁ । ସେହିପରି ଦୁଇଟି ଯନାଜାଃ ମଧ୍ୟ ରହିଛି ସେହି ମୃତବ୍ୟକ୍ତିଙ୍କ ସମ୍ବନ୍ଧରେ ମଧ୍ୟ ମୁଁ ବର୍ଣ୍ଣନା କରିବି ।

ଅଲ ଫଜଲ୍‌ର ୧୦୬ବର୍ଷ ପୂର୍ତି ଅବସରରେ ଲଣ୍ଡନରୁ ଅଲ ଫଜଲ୍ ଅନ୍‌ଲାଇନ୍ ସଂସ୍କରଣର ସୁଭାରମ୍ଭ ହେବାକୁ ଯାଉଅଛି ଏବଂ ଉକ୍ତ ପତ୍ରିକା ଆଜିଠାରୁ ୧୦୬ବର୍ଷ ପୂର୍ବେ ହଜରତ ମୁସଲେହ୍ ମଉଦ ର.ଅ ପ୍ରଥମ ଖଲିଫାଙ୍କ ଅନୁମତି ଓ ଦୁଆ ସହିତ ୧୯୧୩ମସିହା ଜୁନ୍ ମାସ ୧୩ତାରିଖ ଦିନ ଆରମ୍ଭ କରିଥିଲେ । ପାକିସ୍ତାନ ଗଠନ ହେବା ପରେ ସେ କିଛି ସମୟ ଏହା ଲାହୋରରୁ ପ୍ରକାଶିତ ହେଉଥିଲା କିନ୍ତୁ ପରବର୍ତୀ ସମୟରେ ହଜରତ ମୁସଲେହ ମଉଦଙ୍କ ନେତୃତ୍ୱରେ ରବୱାରୁ ପ୍ରକାଶିତ ହେବା ଆରମ୍ଭ ହେଲା । ଏହି ପ୍ରାଚିନ ଉର୍ଦ୍ଦୁ ଖବରକାଗଜର ଅନ ଲାଇନ୍ ପ୍ରକାଶନ ଲଣ୍ଡନରୁ ଚଳିତ ମାସ ୧୩ତାରିଖରୁ ଆରମ୍ଭ ହେଉଅଛି । ଆଜି ଇନ୍‌ଶାଅଲ୍ଲାଃ ସୁଭାରମ୍ଭ ହୋଇଯିବ । ଯାହାକି ସମଗ୍ର ବିଶ୍ୱରେ ଅନ୍‌ଲାଇନ୍ ଖୁବ୍ ସହଜରେ ଉପଲବ୍ଧ ହୋଇପାରିବ । ଏହାର ୱେବସାଇଟ୍ Alfazlonline.org ପ୍ରସ୍ତୁତ ହୋଇସାରିଛି ଏବଂ ପ୍ରଥମ ଅଙ୍କ ମଧ୍ୟ ସେଥିରେ ଉପଲବ୍ଧ କରାଯାଇଛି । ଏଠାରେ ଆମ ଆଇ.ଟି ବିଭାଗର ଯେଉଁ କେନ୍ଦ୍ରୀୟ ଟିମ୍ ରହିଛି ସେମାନେ ଏ ସମ୍ବନ୍ଧରେ ବହୁତ କାର୍ଯ୍ୟ କରିଛନ୍ତି ।

ଏହି ୱେବସାଇଟ୍‌ରେ ଅଲ୍‌ଫଜଲ୍‌ର ଗୁରୁତ୍ୱ ଓ ତାହାର ଲାଭ ପ୍ରସଙ୍ଗରେ ବହୁତ କିଛି ମହ୍‌ଜୁଦ୍ ଅଛି ଯାହା ଇର୍‌ଶାଦେ ବାରି ତାଆଲା ର ବିଷୟବସ୍ତୁ ଅନ୍ତର୍ଗତ ପବିତ୍ର କୋରାନ୍‌ର ଆୟତଗୁଡ଼ିକ ମଧ୍ୟ ପ୍ରକାଶିତ ହେବ ଏବଂ ଫରମାନେ ରସୁଲ୍ ସ:ଆ:ସ ଅନ୍ତର୍ଗତ ନବୀକରିମ୍ ସ:ଆ:ସଙ୍କ ହଦୀସ ଗୁଡ଼ିକ ମଧ୍ୟ ରଖାଯିବ । ହଜରତ ମସିହ ମଉଦ ଆ:ସଙ୍କ ନିତୀବାଣୀ ପୁର୍ଣ୍ଣ ଆଲ୍ଲେଖ୍ୟଗୁଡ଼ିକ ମଧ୍ୟ ଉପଲବ୍ଧ ହେବ ସେହିପରି କେତେକ ଅହେମଦୀ ଲେଖକମାନଙ୍କ ନିବନ୍ଧ ସେହିପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଗୁଡ଼ିକ ସେଥିରେ ରହିବ । ଅହେମଦୀ କବିମାନଙ୍କର କବିତାଗୁଡ଼ିକ ମଧ୍ୟ ରହିବ । ଏହି ଖବରକାଗଜଟି ୱେବସାଇଟ୍ ବ୍ୟତିତ ଟ୍ୟୁଟର୍‌ରେ ମଧ୍ୟ ଉପଲବ୍ଧ ଅଛି ଏବଂ ଆଣ୍ଡ୍ରଏଡ୍‌ର ଆପ୍ ମଧ୍ୟ ତିଆରି ହୋଇସାରିଛି ଯେହେତୁ ଏବେ ପ୍ରତ୍ୟେକ ଦିନ ଆରମ୍ଭ ହୋଇସାରିଛି ତେବେ ଶୋସିଆଲ୍ ମିଡ଼ିଆର ଏହି ସମସ୍ତ ମାଧ୍ୟମ ଯୋଗୁଁ ଉର୍ଦ୍ଦୁ ପଢୁଥିବା ଲୋକମାନଙ୍କୁ ଲାଭ ଉଠାଇବା ଉଚିତ ଏବଂ ସେହିପରି ଲେଖକମାନେ ଏବଂ କବିମାନେ ମଧ୍ୟ ସେଥିପାଇଁ ନିଜର କଲମ ଦ୍ୱାରା ସାହାଯ୍ୟ କରନ୍ତୁ ଫଳତଃ ଉତମ ଓ ଗବେଷଣା ପୂର୍ଣ୍ଣ ନିବନ୍ଧଗୁଡ଼ିକ ଏଥିରେ ପ୍ରକାଶ ହେବ । ଏହି ୱେବସାଇଟ୍‌ରେ ପ୍ରତ୍ୟେକ ଦିନର ଅଙ୍କ ର ପିଡ଼ିଏଫ୍ ଆକାରରେ ଇମେଜ୍ ଫାଇଲ୍ ମଧ୍ୟ ଉପଲବ୍ଧ ହେବ ଯାହାକୁ ପଢ଼ିବା ସହିତ ଡ଼ାଉନଲୋଡ ମଧ୍ୟ ହୋଇପାରିବ । ଯିଏ ପ୍ରିଂଟଆକାରରେ ପଢ଼ିବାକୁ ଚାହାନ୍ତି ସେମାନେ ମଧ୍ୟ ତାହା ପଢ଼ିପାରିବେ । ସେ ଯାହା ହେଉ ଆଜି ଏହାର ଉଦ୍‌ଘାଟନ ଇନ୍‌ଶା ଅଲ୍ଲାଃ ତାଲା ହୋଇଯିବ । ସେହିଭଳି ସୋମବାର ଦିନ ଏଥିରେ ଖୁତ୍‌ବା ଜୁମାର ସମ୍ପୁର୍ଣ୍ଣ ଆଲ୍ଲେଖ୍ୟ ହୋଇଯିବ । ଏବଂ ତାଜା ଖୁତ୍‌ବା ର ସାରାଶଂ ମଧ ପ୍ରକାଶ ପାଇବ । **ଇନ୍‌ଶା ଅଲ୍ଲାଃ** ଜୁମା ନମାଜ ଅନ୍ତେ ମୁଁ ଏହାର ଔପଚାରିକ ଭାବେ ଉନ୍ମୋଚନ କରିବି ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଦୁଇ ଜଣ ମୃତକଙ୍କର ଜନାଯାଃ ପାଠ କରାଇବି **ଇନ୍‌ଶା ଅଲ୍ଲାଃ** । ପ୍ରଥମ ଶ୍ରୀମତି ତନୱୀରୁଲ୍ ଇସଲାମ ସାହେବାଃ ଯେ ଶ୍ରୀମାନ ମିର୍ଜା ହଫିଜ୍ ଅହମଦ ସାହେବଙ୍କର ପତ୍ନୀ ଥିଲେ । ଚଳିତ ମାସ ଡ଼ିସେମ୍ବର ୭ତାରିଖ ଦିନ ସେ ୯୧ବର୍ଷ ବୟସରେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍** । ଅଲ୍ଲାଃଙ୍କ

## ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

(ସୁରଃ ବକ୍‌ରାଃ: ୧୦୮)

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

କୃପାରୁ ମୁସି ଥିଲେ, ତାଙ୍କ ବଂଶର ପରିଚୟ ହେଉଛି ଏଭଳି ତାଙ୍କ ପିତାଙ୍କ ନାମ ମିର୍ ଅବଦୁଲ୍ ସଲାମ ସାହେବ ଥିଲା । ସେ ହଜରତ ମସିହ ମଉଦ ଅ.ସଙ୍କ ପୁରାତନ ଓ ନିଷ୍ଠାପର ସାହାବୀ ହଜରତ ମୀର ହିସାମୁଦ୍ଦିନ ସାହେବଙ୍କର ଅଣନାତୁଣୀ ଥିଲେ । ହଜରତ ସୟଦ ମୀର ହାମିଦ୍ ଶାହ ସାହେବଙ୍କର ନାତୁଣୀ ଥିଲେ ଏବଂ ହଜରତ ମୁସଲେହ ମଉଦ ର.ଅଙ୍କର କୂଳବଧୂ ଥିଲେ ।

ହଜରତ ମୀର ହିସାମୁଦ୍ଦିନ ସାହେବ ର:ଅ ବହୁତ ଖ୍ୟାତି ସମ୍ପନ୍ନ ସାହାବି ଥିଲେ ସେ, ୧୮୩୯ ମସିହାରେ ସିଆଲକୋଟ୍‌ଠାରେ ଜନ୍ମ ହୋଇଥିଲେ ଓ ସିଆଲ୍‌କୋଟ୍‌ର ବହୁତ ବଡ଼ ପ୍ରସିଦ୍ଧ ହକିମ୍ (ବୈଦ୍ୟ) ଥିଲେ । ହଜରତ ମସିହ ମଉଦ ଆ:ସ ଯେତେବେଳେ ସିଆଲକୋଟ୍‌ଠାରେ ଅବସ୍ଥାନ କରୁଥିଲେ ସେତେବେଳେ ହକିମ୍ ସାହେବ୍ ଔଷଧପତ୍ର ଓ ଡ଼ାକ୍ତରଖାନା ଚଳାଉଥିଲେ । ସେ ସମୟରେ ହଜରତ ମସିହ ମଉଦ ଆ:ସଙ୍କ ଆବାସସ୍ଥଳୀ ତାଙ୍କ ଘରର ଗୋଟିଏ ଭାଗରେ ଅବସ୍ଥିତ ଥିଲା ଏବଂ ୧୮୭୭ ମସିହାରେ ଯେତେବେଳେ ହଜରତ ମସିହ ମଉଦ ଆ:ସ ସିଆଲକୋଟ ଆସିଲେ ସେତେବେଳେ ଗୋଟିଏ ନିମନ୍ତ୍ରଣ ପାଇ ଆପଣ ଆ:ସ ହକିମ୍ ସାହେବଙ୍କ ଘରକୁ ଯାଇଥିଲେ । ହଜରତ ମସିହ ମଉଦ ଆ:ସ ଙ୍କର ସେହି ପବିତ୍ର ଯୌବନ ଏକ ନମୁନା ଥିଲା ଯେ, ଯେତେବେଳେ ହଜରତ ମସିହ ମଉଦ ଆ:ସ ଦାବିକଲେ ସେତେବେଳେ ଯେଉଁ ପୁଣ୍ୟବାନ ଓ ପୁଣ୍ୟ ପ୍ରକୃତିର ଲୋକ ଥିଲେ ଏବଂ ଜ୍ଞାନରୂପକ ଜ୍ୟୋତିରୁ ଭାଗ ପାଇଥିଲେ ସେମାନେ ଆପଣ ଆ:ସଙ୍କୁ ଗ୍ରହଣ କଲେ ଓ ମାନିନେଲେ । ସିଆଲ୍‌କୋଟ୍‌ର ଯେଉଁ ବନ୍ଧୁମାନେ ଆପଣ ଆ:ସଙ୍କୁ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ଏହି ଘରର ଲୋକମାନେ ମଧ୍ୟ ନିଷ୍ଠା ଓ ଭକ୍ତିଭାବରେ ସବୁଠାରୁ ଆଗରେ ରହିଥିଲେ । *(ଅହେମଦ୍ ଆଲେଇହିସ୍‌ସଲାମ୍....... ଖଣ୍ଡ-୨, ପୃ- ୪୬୮)*

ସୟଦ ମିର୍ ହାମିଦ୍ ଶାହା ସାହେବ୍ ୨୯ ଡ଼ିସେମ୍ବର ୧୮୯୦ ମସିହାରେ ହଜରତ ମସିହ ମଉଦ ଆ:ସଙ୍କ ବୟତ କରିଥିଲେ । ରେଜିଷ୍ଟାର ବୟତ ମୁତାବକ ତାଙ୍କର ସଂଖ୍ୟା ହେଉଛି ୨୧୩ ଓ ତାଙ୍କ ପତ୍ନୀ ଫିରୋଜା ବେଗମ୍ ସାହିବାଙ୍କ ସଂଖ୍ୟା ହେଉଛି ୨୪୬ ଯିଏ ୭ ଫେବୃଆରୀ ୧୮୯୨ ମସିହାରେ ବୟତ କରିଥିଲେ । ହଜରତ ମସିହ ମଉଦ ଆ:ସ ନିଜ ପୁସ୍ତକଗୁଡ଼ିକରେ ଏମାନଙ୍କର ଚର୍ଚ୍ଚା କରିଛନ୍ତି । ଅଜାଲା ଓ୍ୱହାମ୍ ପୁସ୍ତକରେ, ଆସମାନି ଫୈସ୍‌ଲା, ଆଇନା କମାଲାତେ ଇସ୍‌ଲାମ୍, ତୌଫା କଇସରିୟା, ସିରାଜେ ମୁନିର୍, କିତାବୁଲ୍ ବରିୟା, ହକିକତୁଲ୍ ଓ୍ୱହି ଏବଂ ମଲ୍‌ଫୁଜାତ୍ ଖଣ୍ଡ- ୫ ର ଅନେକ ସ୍ଥାନରେ ନିଜର ଏହି ନିଷ୍ଠାବାନ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ, ଜଲ୍‌ସା ସାଲାନାରେ ଯୋଗଦେଇଥିବା ବ୍ୟକ୍ତି ବିଶେଷ, ଚାନ୍ଦା ପ୍ରଦାନକାରୀ, ଜଲ୍‌ସା ଡ଼ାଏମଣ୍ଡ ଜୁବ୍‌ଲି ଏବଂ ଶାନ୍ତିପ୍ରିୟ ଯମାତ୍ ର ବିଷୟବସ୍ତୁ ଗୁଡ଼ିକରେ ଏମାନଙ୍କର ଚର୍ଚ୍ଚା କରିଛନ୍ତି । *(୩୧୩ ଅସ୍‌ହାବ୍........ ଆସିମ୍ ଜମାଲି ପୃ- ୪୨ ରୁ ୪୩) ।*

ସେ ଯାହା ହେଉ ମୁକରମା ସୟଦା ତନୱିରୁଲ୍ ଇସ୍‌ଲାମ୍ ସାହିବା ତାଙ୍କ ବଂଶ ମଧ୍ୟରୁ ଥିଲେ । ତାଙ୍କର ଜନ୍ମ ୧୯୨୮ମସିହାରେ ସିଆଲକୋଟରେ ହୋଇଥିଲେ । ୧୯୪୮ମସିହାରେ ତାଙ୍କ ବିବାହ ମିର୍ଜା ହଫିଜ୍ ଅହମଦ ସାହେବଙ୍କ ସାଥିରେ ହୋଇଥିଲା । ସେ ୧୯୫୬ରୁ ୨୦୦୮ମସିହା ପର୍ଯ୍ୟନ୍ତ ପାଖାପାଖି ୪୮ବର୍ଷ ବିଭିନ୍ନ ସମୟରେ କେନ୍ଦ୍ରୀୟ ସେକ୍ରେଟାରୀ ଲଜନା ପଦବୀରେ ମୁତୟନ ରହି ସେବା କାର୍ଯ୍ୟ ତୁଲାଇ ଥିଲେ । ସେହିପରି ତାଙ୍କର ଆହୁରି ବି ଅନେକ ଖିଦ୍‌ମତ୍ ରହିଛି । ଦ୍ୱିତୀୟ ଖଲିଫା ତାଙ୍କୁ ବେଶ୍ ସ୍ନେହ, ଆଦର କରୁଥିଲେ । ସେ ଜଣେ ନିୟମିତ ତହଜୁଦ୍ ପାଠକାରୀ ମହିଳା ଥିଲେ, ତାଙ୍କ ଦାସୀ କୁହନ୍ତି ଯେଉଁଦିନ ରାତିରେ ସେ ଦେହ ତ୍ୟାଗ କଲେ ସେଦିନ ମଧ୍ୟ ରାତି ୩ଘଟିକାରେ ଉଠି ତହଜୁଦ୍ ପାଠ କରିଥିଲେ ଏବଂ ଏହି ଅବସ୍ଥାରେ ତାଙ୍କର ଦେହାନ୍ତ ହେଲା । ତାଙ୍କ ଝିଅ କହୁଛନ୍ତି ଯେ, ସେ ମତେ ଏକଥା ବତାଇଥିଲେ ଯେ, ଯେତେବେଳେ ମୁଁ ବିବାହ ହୋଇ ହଜରତ ଖଲିଫତୁଲ୍ ମସିହିଲ୍ ସାନି ର:ଅଙ୍କ ବୋହୂ ହୋଇ ଏହି ପରିବାରକୁ ଆସିଲି ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅ ଏବଂ ହଜରତ ଉମେ ନାସିର୍ ର:ଅ ମତେ ଏତେ ପ୍ରେମ, ସମ୍ମାନ ଓ ସ୍ନେହ ଦେଲେ ଯେ, ମୁଁ ବାପାଘରର କଥା ସମ୍ପୂର୍ଣ୍ଣରୂପେ ଭୁଲିଗଲି । ପୁଣି ସେ ବହୁତ ହଓ୍ୱାଲା ମଧ୍ୟ ଦେଇଛନ୍ତି । ହଜରତ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ଅନେକ କଥା ତାଙ୍କର ମନେ ଥିଲା ଏବଂ ତାଙ୍କର ବହୁତ ଭଲ ସ୍ମରଣ ଶକ୍ତି ଥିଲା । ଅଲ୍ଲାଃତାଲା ତାଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ।

ଦ୍ୱିତୀୟ ଚର୍ଚ୍ଚା ଶ୍ରୀମତି ସିଷ୍ଟର ହାଜା ଶକୁରା ନୁରୟା ସାହେବା ଆମେରିକା ନିବାସୀଙ୍କର ଅଟେ ଯେ ଚଳିତ ମାସ ୧ ତାରିଖରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍**, ସେ ୧୯୨୭ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାରମ୍ଭିକ ସମୟ ଓ୍ୱାସିଙ୍ଗଟନ୍ ଡ଼ି.ସିରେ ଅତିବାହିତ କରିଥିଲେ । ୧୯୬୦ ଦଶକରେ ସେ ହାଇସ୍କୁଲ୍‌ରେ ଇତିହାସ ବିଭାଗର ଶିକ୍ଷୟତ୍ରୀ ଥିଲେ ପରେ ଓ୍ୱାଲ୍ଡ ହିଷ୍ଟ୍ରିରେ ଏମ୍.ଏ ଡ଼ିଗ୍ରୀ ହାସଲ କଲେ ପୁଣି ରିଟାୟାର୍ଡ଼ମେଂଟ ପରେ ତାଙ୍କର ଏ ଆନ୍ତରିକ ଇଚ୍ଛା ଥିଲା ଯେ ସେ ପ୍ରୋଟେସ୍ଟାଂଟ ମିଶିନାରୀ ହେବେ କିନ୍ତୁ ପରେ ଯେତେବେଳେ ସେ ଏକଥା ଜାଣିପାରିଲେ ଯେ, ହଜରତ ଇଶାଆସ ହେଉଛନ୍ତି ଖୁଦାଙ୍କର ପୁତ୍ର ବୋଲି ତେଣୁ ସେ ଅନ୍ୟମାର୍ଗକୁ ଆପଣାଇବା ପାଇଁ ନିଷ୍ପତି ନେଲେ ଓ ପୁଣି ୧୯୬୮ ମସିହାରେ ସେ ନିୟମିତ ରୂପେ ଚର୍ଚ୍ଚକୁ ମଧ୍ୟ ପରିତ୍ୟାଗ କଲେ । ଆମେରିକା, ମେକ୍ସିକୋ ଓ କାନାଡ଼ା ଯାତ୍ରା କରିବା ପରେ ସେ ଆଫ୍ରିକାର ଅନେକ ୟୁନିର୍ଭସିଟିରେ ଅଧ୍ୟୟନ କରିବା ପାଇଁ ଗୋଟିଏ ବର୍ଷ ଛୁଟି ନେଇଥିଲେ । ପୁଣି ସେ ୟୁରୋପର ଯାତ୍ରା ମଧ୍ୟ କରିଛନ୍ତି । ମନ ଭିତରେ ଉଙ୍କି ମାରୁଥିବା ଧାର୍ମିକ ପ୍ରଶ୍ନ ଓ ଧାର୍ମିକ ସମସ୍ୟାଗୁଡ଼ିକୁ ସମାଧାନ କରିବାର ବାଟକୁ ଖୋଜୁଥିଲେ ।

ଓ୍ୱାଶିଂଟନ୍ ଡ଼ିସିକୁ ଯେତେବେଳେ ସେ ଫେରିଆସିଲେ ସେତେବେଳେ ତାଙ୍କର ପରିଚୟ ଇସ୍‌ଲାମ ଧର୍ମ ସହିତ ହେଲା । ସଂଯୋଗ ବଶତଃ ତାଙ୍କର ସାକ୍ଷାତ ଏୟାରପୋର୍ଟଠାରେ ନିଜର ଜଣେ ବନ୍ଧୁଙ୍କ ପୁତ୍ରଙ୍କ ସହିତ ହୋଇଗଲା ଯିଏ କିଛିଦିନ ପୂର୍ବରୁ ଅହେମଦୀୟତ ଗ୍ରହଣ କରିଥିଲେ । ସେ ସମୟରେ ସେଠାରେ ମୁକରମ୍ ମୀର୍ ମେହମୁଦ୍ ଅହେମଦ୍ ନାସିର୍ ସାହେବ୍ ଥିଲେ ସେ ସେଠାରେ ମୀର୍ ମେହମୁଦ୍ ଅହେମଦ୍ ନାସିରଙ୍କ ସହିତ ସାକ୍ଷାତ କରିବା ପାଇଁ ମୁକରମ୍ ମୁବଶିର୍ ସାହେବଙ୍କ ସହିତ ଏୟାରପୋର୍ଟଠାରେ ଉପସ୍ଥିତ ଥିଲେ ଓ ସେଠାରେ ହିଁ ତାଙ୍କର ପରିଚୟ ମଧ୍ୟ ହୋଇଗଲା । ସେମାନେ ତାଙ୍କୁ ଇସ୍‌ଲାମ ଧର୍ମ ବିଷୟରେ ପରିଚୟ କରାଇଲେ ସୁତରାଂ ପୁଣି ଏହି ଧାରା ଜାରି ରହିଲା ଏବଂ ଧିରେ ଧିରେ ସେ ଇସ୍‌ଲାମ ପ୍ରତି ଆକୃଷ୍ଟ ହେବାକୁ ଲାଗିଲେ ଏବଂ ଯେଉଁ ଆସ୍ଥା ଓ ବିଶ୍ୱାସର ତାଙ୍କୁ ତଲାସ ଥିଲା ତାହା ତାଙ୍କୁ ଇସ୍‌ଲାମ ମଧ୍ୟରେ ନଜର ଆସିଲା । ୧୯୭୯ମସିହାରେ ଆପଣ ପବିତ୍ର କୁରଆନ୍ ଓ କଲିମା ଶାହାଦତ୍‌କୁ ସ୍ୱପ୍ନରେ ଦେଖିବାକୁ ପାଇଲେ । ତା'ପରେ ତାଙ୍କୁ ଦୃଢବିଶ୍ୱାସ ହେଲା ଯେ, ଇସଲାମ ଓ ଅହମଦିୟତ୍ ହିଁ ବାସ୍ତବିକ ଧର୍ମ, ଅତଏବ ସେ ବୈଅତ କରିନେଲେ । ବୈଅତ କରିବା ପରେ ସେ ଜମାଅତର ବିଭିନ୍ନ ସ୍ତରରେ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ । ଲଜ୍‌ନା ଇମାଇଲା ଆମେରିକାର ବିଭିନ୍ନ ପ୍ରୋଗ୍ରାମଗୁଡ଼ିକରେ ନା କେବଳ ଭାଗ ନେଇଥାନ୍ତି ବରଂ ଆକ୍ଟିଭ୍ ସଦସ୍ୟରୂପେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ୧୯୮୬ମସିହାରେ ସେ ଓ୍ୱାସିଙ୍ଗଟନ୍ ଡ଼ି.ସିର ସ୍ଥାନୀୟ ମଜଲିସ୍‌ର ସଦର ଭାବରେ ନିର୍ବାଚିତ ହୋଇ ୫ବର୍ଷ ସେବା କାର୍ଯ୍ୟ ସମ୍ପାଦନ କରିଥିଲେ । ଏବଂ ତତ୍‌ସହିତ ସେ ନ୍ୟାସନାଲ୍ ନାଏବ୍ ସଦର ରୂପେ ମଧ୍ୟ ସେବା କରିବାର ସୌଭାଗ୍ୟ ପାଇଛନ୍ତି ଏତଦ୍‌ବ୍ୟତିତ ତାଙ୍କୁ ବିଭିନ୍ନ ବିଭାଗଗୁଡ଼ିକରେ ସେବା କରିବା ପାଇଁ ମଧ୍ୟ ସୌଭାଗ୍ୟ ମିଳିଛି । ୧୯୯୫ମସିହାରେ ଆପଣଙ୍କୁ ହଜ୍ କରିବାର ସୌଭାଗ୍ୟ ପ୍ରାପ୍ତି ହେଲା । ହଜରତ ଖଲିଫତୁଲ୍ ମସିହିଲ୍ ରାବେ ରହେମୁଲ୍ଲାଃ ତା:ଲାଙ୍କ ନିର୍ଦ୍ଦେଶ କ୍ରମେ ଓ ଆପଣଙ୍କ ମାର୍ଗଦର୍ଶନରେ ପବିତ୍ର କୋରାନ୍‌ର ଯେଉଁ ପାଂଚଖଣ୍ଡ ବିଶିଷ୍ଟ ତଫସିର୍ ରହିଛି ଅର୍ଥାତ Five Volume Commentary ସେଥିସକାଶେ ୧୧୮ ପୃଷ୍ଠାବିଶିଷ୍ଟ ଇଣ୍ଡେକ୍ସ ପ୍ରସ୍ତୁତ କରିଥିବା ଟିମ୍‌ରେ ସେ ସାମିଲ ଥିଲେ । ଓ ତାହାକୁ ବନାଇବା ପାଇଁ ତାଙ୍କର ବଡ଼ ଯୋଗଦାନ ଥିଲା । ଲଜ୍‌ନା ଏବଂ ଯମାତ୍‌ର ବିଭିନ୍ନ ପତ୍ରପତ୍ରିକା ଏବଂ ମଜଲିସ୍ ଗୁଡ଼ିକରେ ମଧ୍ୟ ସେ ଅନେକ ବିଷୟବସ୍ତୁ ଉପରେ ଆଧାରିତ ନିବନ୍ଧ ଲେଖିଛନ୍ତି । ୧୯୯୭ ଏବଂ ୧୯୯୮ ମସିହାରେ ଅଫଲ୍‌ମାନଙ୍କ ପାଇଁ ପ୍ରତ୍ୟେକ ରବିବାର ଦିନ କ୍ଲାସ ଲଗାଇବାର ଶୁଭାରମ୍ଭ କଲେ । ନାସିରାତ୍‌ଙ୍କ ନିମନ୍ତେ ଅହେମଦୀୟା ସମର କ୍ୟାମ୍ପରେ ସେ କାଉନଶିଲର ଭାବେ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି । ଅନେକ ବର୍ଷ ପର୍ଯ୍ୟନ୍ତ ସେ, ଅହେମଦୀୟା ନ୍ୟାସନାଲ ହ୍ୟୁମାନ ରାଇଟ୍‌ସ କମିଟିରେ ମଧ୍ୟ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି ଯାହା ମାଧ୍ୟମରେ ସେ ବହୁତ ପରିଶ୍ରମ କରି ପାକିସ୍ତାନ ସରକାରଙ୍କ ତରଫରୁ ଅହେମଦୀମାନଙ୍କ ଖିଲାଫରେ ହେଉଥିବା ଅତ୍ୟାଚାରଗୁଡ଼ିକୁ ଅତ୍ୟନ୍ତ ପୂର୍ଣ୍ଣ ଡ଼କ୍ୟୁମେଂଟ୍ସ ପ୍ରସ୍ତୁତ କରିଛନ୍ତି ।

ମୁକରମ୍ ଶମଶାଦ୍ ନାସିର ସାହେବ ସେଠିକାର ମୁବଲିଗ୍ ଲେଖୁଛନ୍ତି, କିନ୍ତୁ ଏହି ସମସ୍ତ କାର୍ଯ୍ୟଠାରୁ ବଳି ସେ ଏକଥା କହୁଥିଲେ ଯେ, ତବ୍‌ଲିଗ୍ କରିବା ତାଙ୍କର ପ୍ରଥମ ପସନ୍ଦ ଥିଲା ଏବଂ ସବୁ କାର୍ଯ୍ୟ ଉପରେ ନିଜର ତବଲିଗ୍ କାର୍ଯ୍ୟକୁ ସେ ଅଗ୍ରାଧିକାର ଦେଉଥିଲେ । ଅନେକ ବର୍ଷ ପର୍ଯ୍ୟନ୍ତ ସେ ଲଜ୍‌ନାର ନ୍ୟାସନାଲ ତବ୍‌ଲିଗ୍ ସେକ୍ରେଟାରୀ ରୂପେ ସେବାକାର୍ଯ୍ୟ ସମ୍ପାଦନ କରିଛନ୍ତି । ରେଡ଼ିଓ ଏବଂ ଟେଲିଭିଜନ ପ୍ରୋଗ୍ରାମଗୁଡ଼ିକରେ ସେ ତବ୍‌ଲିଗ୍ କରୁଥିଲେ । ତତ୍‌ସହିତ ୟୁନିଭରସିଟି କ୍ୟାମ୍ପସ ଏବଂ ଗିର୍ଜାଘର ଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରକାରର ତବ୍‌ଲିଗ୍ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଅତ୍ୟନ୍ତ କର୍ମଠ ଥିଲେ । ଯମାତି ଲିଟ୍‌ରେଚର୍ ଗୁଡ଼ିକୁ ବିଭିନ୍ନ ଏଥ୍‌ନିକ୍ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ବଂଟନ କରିବାପାଇଁ ମଧ୍ୟ ସେ ନିୟମିତ ଯୋଜନା ପ୍ରସ୍ତୁତ କରୁଥିଲେ ।

ଏହା ଶମଶାଦ୍ ସାହେବଙ୍କ ରିପୋର୍ଟ ନଥିଲା । ଏହା ଅନ୍ୟ ହଓ୍ୱାଲାରୁ ଆସିଥିଲା । ଶମଶାଦ୍ ସାହେବ୍ ଯାହା କିଛି ତାଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି ତାହା ହେଉଛି ଏପରି: ଶ୍ରୀମାନ ଶମଶାଦ୍ ନାସିର (ମୁରବୀ) ସାହେବ ଲେଖିଛନ୍ତି ସିଷ୍ଟର ହାଜା ଶକୁରା ନୁରୟା ସାହେବା ପରଦା କରିବାକୁ ଅତି ପ୍ରାଧାନ୍ୟ ଦେଉଥିଲେ ଏବଂ ପ୍ରଚାର କାର୍ଯ୍ୟରେ ମୁବଲିଗ୍‌ମାନଙ୍କୁ ବେଶ୍ ସହଯୋଗ ମଧ୍ୟ କରୁଥିଲେ । ଯେତେବେଳେ ମୁଁ ଏଠାରେ ନୂଆ କରି ମୁତୟନ ହେଲି ସେତେବେଳେ ସେ ମୋତେ ଆମେରିକାର ଇତିହାସ ସମ୍ବନ୍ଧରେ ଅବଗତ କଲେ ଏବଂ ମୋର କାର୍ଯ୍ୟରେ ବିଶେଷ ସହାୟ୍ୟ ମଧ୍ୟ କରୁଥିଲେ । ସେ ଖିଲାଫତ୍‌ର ଅତ୍ୟନ୍ତ ସମ୍ମାନ କରୁଥିଲେ ଏବଂ ହୁଜୁରଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ଥିଲା । ହୁଜୁର ଅ.ବ କହିଲେ ଗତବର୍ଷ ଯେତେବେଳେ ମୁଁ ଆମେରିକା ଗସ୍ତରେ ଯାଇଥିଲି ସେତେବେଳେ ସେ ଅସୁସ୍ଥ ଥିବା ସତ୍ୱେ ହୁଇଲ୍ ଚେଆର୍‌ରେ ଆସି ମୋ ସହ ସାକ୍ଷାତ କଲେ । ମୋର ଖୁତବା ନିୟମିତ ଭାବରେ ଶୁଣୁଥିଲେ । ପ୍ରାରମ୍ଭରେ ଯେତେବେଳେ ଏମ୍.ଟି.ଏ ନଥିଲା ଏବଂ କ୍ୟାସେଟ୍‌ରେ ଖୁତବା ଶୁଣା ଯାଉଥିଲା ସେତେବେଳେ ସେ ତାହାର ଇଂଗ୍ରାଜୀ ଅନୁବାଦ କରିବାରେ ସାହାଯ୍ୟ କରୁଥିଲେ । ସର୍ବଦା ସାମୁହିକ ନମାଜ ପାଠ କରିବାର ବ୍ୟବସ୍ଥା କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ । ଅଲ୍ଲାଃତାଲା ଏଭଳି ଉତ୍ସାହ, ନିଷ୍ଠା ଓ ବିଶ୍ୱସ୍ତତାର ସହ ସେବା ସମ୍ପାଦନକାରୀ ସଦସ୍ୟ ଜମାଅତକୁ ପ୍ରଦାନ କରନ୍ତୁ ।

# : ଖୁତ୍‌ବା ଜୁମା :

**ହେ ଲୋକମାନେ ତୁମେ ଚିନ୍ତା କରୁଛ କି, ଏହି ପ୍ରତିଜ୍ଞାର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି ଏବେ ତୁମେ ପ୍ରତ୍ୟେକ କଳା ଓ ଗୋରାଙ୍କ ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ..... ଏବଂ ପ୍ରତ୍ୟେକ ପ୍ରକାରର କୁର୍ବାନୀ (ବଳିଦାନ) ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ ।**

**ଲୋକମାନେ କହିଲେ ଯେ, ହଁ ଆମେ ଜାଣିଛୁ କିନ୍ତୁ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଏହାର ପ୍ରତିବଦଳରେ ଆମକୁ କ'ଣ ମିଳିବ ?**

**ଆଁ ହଜରତ ସ:ଆ:ସ କହିଲେ ତୁମକୁ ଖୁଦାଙ୍କ ଯନ୍ନତ ମିଳିବ ଯାହା ହେଉଛି ତାହାଙ୍କ ସମସ୍ତ ପୁରସ୍କାର ମଧ୍ୟରୁ ସବୁଠାରୁ ବଡ଼ ପୁରସ୍କାର ।**

**ଏହା ଶୁଣି ସମସ୍ତେ କହିଲେ ଆମେ ଏହାକୁ ସ୍ୱୀକାର କରୁଛୁ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣଙ୍କ ହାତ ଆଗକୁ ବଢ଼ାନ୍ତୁ ।**

**ଆପଣ ସ:ଆ:ସ ନିଜ ପବିତ୍ର ହସ୍ତକୁ ଆଗକୁ ବଢ଼ାଇଦେଲେ ଏବଂ ଏହି ସତୁରୀ ଜଣ ବିଶିଷ୍ଟ ଉତ୍ସର୍ଗୀ ଯମାତ୍ ଗୋଟିଏ ପ୍ରତିରକ୍ଷାମୂଳକ ଚୁକ୍ତି କରିବାରେ ଆପଣ ସ:ଆ:ସଙ୍କ ହାତରେ ବିକ୍ରୀ ହୋଇଗଲେ ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜରତ ସ:ଆ:ସଙ୍କ ସାହାବୀଗଣ ହଜରତ ଉତ୍‌ବାଃ ବିନ୍ ଗଜୱ୍ୱାନ୍ ଏବଂ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ପବିତ୍ର ଜୀବନଚରିତର ବର୍ଣ୍ଣନା ।**

**ସରିୟା ଅବଦୁଲ୍ଲାଃ ବିନ୍ ଯହଶ୍ ନଖଲା ଆଡ଼କୁ, ବସ୍‌ରା ସହର ସ୍ଥାପନା ଏବଂ ବୟତେ ଉକ୍‌ବା ସାନିୟାର ବିଶ୍ୱାସ ବର୍ଦ୍ଧକ ବର୍ଣ୍ଣନା ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୦ ଡ଼ିସେମ୍ବର ୨୦୧୯ ଅନୁଯାୟୀ ୨୦ ଫତହ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱ୍ୱର ଅ.ବ କହିଲେ ଗତ ଖୁତବାରେ ମୁଁ ହଜରତ ଉତବା ବିନ୍ ଗଜୱ୍ୱାନ୍‌ଙ୍କ ଚର୍ଚ୍ଚା ଚାଲିଥିଲା, ତାଙ୍କ ସମ୍ବନ୍ଧରେ ଆଉ କିଛି ତଥ୍ୟ ବର୍ତମାନ ଚର୍ଚ୍ଚା କରିବି ।

ଆଁ ହଜରତ ସ:ଆ:ସ ଦୁଇ ହିଜ୍‌ରୀରେ ନିଜ ପିଇସି ପୁଅ ଭାଇ ହଜରତ ଅବଦୁଲ୍ଲାଃ ବିନ୍ ଜହଶ୍‌ଙ୍କ ନେତୃତ୍ୱରେ ଗୋଟିଏ ସରିୟା ଅର୍ଥାତ ଛୋଟ ସେନାଦଳ ନଖଲା ଆଡ଼କୁ ପ୍ରେରଣ କଲେ । ହଜରତ ଉତବା ମଧ୍ୟ ସେହି ଯୁଦ୍ଧରେ ସାମିଲ ଥିଲେ । ଏହି ସରିୟାର ଚର୍ଚ୍ଚା ପୂର୍ବରୁ ମଧ୍ୟ କିଛି ମାତ୍ରାରେ ଜଣେ ସାହାବିଙ୍କ ବିଷୟରେ କହିବା ବେଳେ ବର୍ଣନା କରାଯାଇଅଛି । ସେ ଯାହା ହେଉ ଏବେ କିଛି କଥା ସଂକ୍ଷିପ୍ତରେ ମୁଁ ବର୍ଣ୍ଣନା କରିଦେଉଛି । ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକରେ ହଜରତ ମିର୍ଜା ବଶିର ଅହେମଦ୍ ସାହେବ ର:ଅ ଏକଥା ଲେଖୁଛନ୍ତି ଯେ:-

ହଜରତ ମୁହମ୍ମଦ ସ.ଅ ଚିନ୍ତନ କଲେ କି କୁରେଶ୍‌ର ଅତି ନିକଟତର ହୋଇ ତାଙ୍କ ହରକତ୍ ସମ୍ବନ୍ଧରେ ଖବର ନେବା ଯଦ୍ୱାରା ସମସ୍ତ ପ୍ରକାରର ଆବଶ୍ୟକୀୟ ଖବର ସମ୍ବନ୍ଧରେ ଅବଗତ ହାସଲ ହେବ ଏବଂ ମଦିନା ସମସ୍ତ ପ୍ରକାରର ଅଚାନକ ଆକ୍ରମଣରୁ ସୁରକ୍ଷିତ ରହିଯିବ । ଅତଏବ ଏହି ଉଦ୍ଦେଶ୍ୟରେ ୮ଜଣ ମୁହାଜରିନ୍‌ଙ୍କ ଏକ ଦଳ ଗଠନ କଲେ, ଯେଉଁଥିରେ ଆପଣ ଏପରି ବ୍ୟକ୍ତିଙ୍କୁ ସ୍ଥାନ ଦେଲେ ଯେ କୁରେଶ୍‌ର ବିଭିନ୍ନ ଗୋଷ୍ଠୀଙ୍କ ସମ୍ପର୍କୀୟ ଥିଲେ ଯଦ୍ୱାରା ସେମାନଙ୍କ ଗୁପ୍ତ ଷଡ଼ଯନ୍ତ୍ର ସମ୍ବନ୍ଧରେ ଏମାନେ ସହଜରେ ଖବର ହାସଲ କରିଆଣିବେ । ହଜୁର ନିଜ ଫୁଫୁ ପୁଅ ଭାଇ ଅବଦୁଲ୍ଲା ବିନ୍ ଜହଶ୍‌ଙ୍କ ଅଧକ୍ଷତାରେ ଉକ୍ତ ଦଳକୁ ପ୍ରେରଣ କଲେ । ଉକ୍ତ ଦଳକୁ ପ୍ରେରଣ କରିବା ସମୟରେ ଆପଣ ଏହି ସରିୟାର ଅମୀରଙ୍କୁ ଏକଥା ବତାଇନଥିଲେ ଯେ, ଅର୍ଥାତ ଏହା ନିର୍ଦ୍ଦେଶ ଦେଇ ନଥିଲେ କି ତୁମକୁ କେଉଁ ସ୍ଥାନକୁ ଓ କେଉଁ ଉଦ୍ଦେଶ୍ୟରେ ପ୍ରେରଣ କରାଯାଉଅଛି । କେବଳ ପ୍ରସ୍ଥାନ ସମୟରେ ମୋହର ଲାଗିଥିବା ଏକ ମୁଖବନ୍ଦ ପତ୍ର ସେମାନଙ୍କ ହାତରେ ପ୍ରଦାନ କରିଦେଲେ ଏବଂ କହିଲେ ଉକ୍ତ ପତ୍ରରେ ତୁମମାନଙ୍କ ସକାଶେ ନିର୍ଦ୍ଦେଶ ରହିଛି । ପୁନଶ୍ଚ ହଜୁର ସ.ଅ କହିଲେ ମଦିନାରୁ ଦୁଇ ଦିନର ଯାତ୍ରା ଅତିକ୍ରମ କରିନେବା ପରେ ଯାଇ ଏହି ପତ୍ର ଖୋଲିବ ଏବଂ ନିର୍ଦ୍ଦେଶ ମୁତାବକ ଅମଳ କରିବ ।

ଯେତେବେଳେ ସେମାନେ ଦୁଇ ଦିନର ଯାତ୍ରା କରିନେଲେ ହଜରତ ଅବଦୁଲ୍ଲାଃ ଆଦେଶାନୁଯାୟୀ ଉକ୍ତ ପତ୍ର ଖୋଲି ଦେଖିଲେ, ଯେଉଁଥିରେ ଏହା ଦରଜ ଥିଲା କି ତୁମେମାନେ ମକ୍କା ଓ ତାଇଫ୍ ମଧ୍ୟବର୍ତୀ ନଖଲା ପଡ଼ିଆ ନିକଟକୁ ଯାଅ ଏବଂ ସେଠାରେ କୁରେଶ୍‌ର ଗତିବିଧୀ ସମ୍ବନ୍ଧରେ ଖବର ନେଇ ଆମକୁ ଅବଗତ କରାଅ । ଆଁ ହଜରତ ସ:ଆ:ସ ସେହି ଚିଠି ଭିତରେ ଏ ନିର୍ଦ୍ଦେଶ ମଧ୍ୟ ଲେଖିଦେଇଥିଲେ ଯେ, ଏ ମିଶନ ଜଣାପଡ଼ିଯିବା ପରେ ଯଦି ତୁମମାନଙ୍କର କୌଣସି ସାଥୀ ଏହି ଦଳ ମଧ୍ୟରେ ସାମିଲ ହେବା ପାଇଁ ନାରାଜ ହୁଏ ଏବଂ ଲେଉଟିଯିବା ପାଇଁ ଚାହେଁ ଅର୍ଥାତ ଯେତେବେଳେ ଏ ଚିଠିକୁ ଦେଖିନେବ ଓ ପଢ଼ିନେବ ଯେ ଏହି ଦଳକୁ ପଠାଇବାର ଉଦ୍ଦେଶ୍ୟ କଣ ଥିଲା ବୋଲି ସେତେବେଳେ ଏହି ଦଳରେ ସାମିଲ ହୋଇଥିବା ସଦସ୍ୟମାନଙ୍କ ମଧ୍ୟରୁ ଯଦି କିଏ ଅଭିଯୋଗ କରେ ଓ ଲେଉଟିଯିବା ପାଇଁ ଚାହେଁ ତେବେ ସେ, ସେଠାରୁ ଫେରିଆସିପାରିବ କୌଣସି ପ୍ରତିବନ୍ଧକ ନାହିଁ । ସେ ଯାହା ହେଉ ଆଁ ହଜରତ ସ:ଆ:ସ କହିଲେ ସେହିପରି ଲୋକକୁ ଲେଉଟିଯିବା ପାଇଁ ଅନୁମତି ଦେଇଦେବ । ଅବଦୁଲ୍ଲାଃ ଆପଣ ସ:ଆ:ସଙ୍କ ଏହି ନିର୍ଦ୍ଦେଶନାମାକୁ ନିଜ ସାଥିମାନଙ୍କୁ ଶୁଣାଇଦେଲେ ଓ ସମସ୍ତେ ଏକ ସ୍ୱରରେ କହିଲେ ଯେ, ଆମେ ଖୁସିର ସହିତ ଏ ସେବା କାର୍ଯ୍ୟ କରିବାପାଇଁ ହାଜିର ଅଛୁ । ତା'ପରେ ଉକ୍ତ ଦଳ ନଖଲା ଆଡ଼କୁ ଚାଲିଲେ, ରାସ୍ତାରେ ସାଦ୍ ବିନ୍ ୱ୍ୱକାସ ଓ ଉତବା ବିନ୍ ଗଜ୍‌ୱ୍ୱାନ୍‌ଙ୍କର ଓଟ ହଜିଗଲା । ସେମାନେ ନିଜ ଓଟ ଖୋଜିବାରେ ଦଳରୁ ଅଲଗା ହୋଇଗଲେ ଏବଂ ବହୁତ ଖୋଜିବା ପରେ ମଧ୍ୟ ନିଜ ସାଥିମାନଙ୍କୁ ଆଉ ପାଇଲେ ନାହିଁ । ବର୍ତମାନ ଉକ୍ତ ଦଳରେ ମାତ୍ର ୬ଜଣ ସଦସ୍ୟ ରହିଯାଇଥିଲେ ।

ହଜରତ ମିର୍ଜା ବଶୀର ଅହେମଦ୍ ସାହେବ ର:ଅ ଜଣେ ଆପତିକାରୀ ମାର୍ଗୋଲେସ୍ ସାହେବଙ୍କ ସମ୍ବନ୍ଧରେ ଏକଥା ଲେଖିଛନ୍ତି ଯେ, ସେ ଏହି ମୌକାରେ ଏକଥା ଲେଖିଛନ୍ତି କି, ସାଆଦ୍ ବିନ୍ ଅବି ୱ୍ୱକାସ୍ ର:ଅ ଏବଂ ଉତ୍‌ବା ର:ଅ ଜାଣିଶୁଣି ନିଜର ଓଟକୁ ଛାଡ଼ିଦେଇଥିଲେ ଓ ଏହାର ଆଳ ଦେଖାଇ ପଛରେ ରହିଯାଇଥିଲେ । ଆପର ର:ଅ ଲେଖୁଛନ୍ତି ଯେ, ସେହି ଉତ୍ସର୍ଗୀ ବ୍ୟକ୍ତମାନେ ଯେଉଁମାନଙ୍କର ଜୀବନ ଗୋଟିଏ ଗୋଟିଏ ଘଟଣାରୁ ସେମାନଙ୍କର ବାହାଦୁରୀ ଉତ୍ସର୍ଗି ହେବାର ପ୍ରମାଣ ମିଳୁଛି ଓ ସେମାନଙ୍କ ମଧ୍ୟରୁ ଜଣେ ବେରେମାଉନା ଯୁଦ୍ଧବେଳେ କୁଫାର୍ ଅର୍ଥାତ (ଅବିଶ୍ୱାସକାରୀ) ମାନଙ୍କ ହାତରେ ଶହୀଦ ମଧ୍ୟ ହୋଇଥିଲେ ଏବଂ ଅନ୍ୟଜଣଙ୍କ ଅନେକ ବିପଦପୂର୍ଣ୍ଣ ଯୁଦ୍ଧରେ ବିଶେଷରୂପେ ଭାଗ ନେଇ ପରିଶେଷରେ ଇରାକ୍‌ର ବିଜେତା ହେଲେ, ସେମାନଙ୍କ ସମ୍ବନ୍ଧରେ କେବଳ ନିଜର ମନଗଢ଼ା ଭାବନାର ଆଧାରରେ ଏହି ପ୍ରକାରର

ସନ୍ଦେହ କରିବା ମିଷ୍ଟର ମାର୍ଗୋଲେସ୍‌ଙ୍କ ଭାଗ୍ୟରେ ଅଛି ଓ ପୁଣି ମଜାର କଥା ହେଉଛି ଏହା ଯେ, ମାର୍ଗୋଲେସ୍ ନିଜର ପୁସ୍ତକରେ ଏ ଦାବି ମଧ ମଧ୍ୟ କରିଥାଏ ଯେ, ମୁଁ ଏହି ପୁସ୍ତକକୁ ପ୍ରତ୍ୟେକ ପ୍ରକାରର ବିଦ୍ୱେଷ ଭାବରୁ ପବିତ୍ର ହୋଇ ଲେଖିଛି ।

ସେ ଯାହା ହେଉ ଏହା ତ ସେହି ଲୋକମାନଙ୍କର କାର୍ଯ୍ୟଶୈଳୀ ସେମାନେ ଯେଉଁଠି ମଧ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ଉପରେ ଆରୋପ ଲଗାଇବାର ମୌକା ପାଇଥାନ୍ତି ତାହାକୁ ସେ, ହାତଛଡ଼ା କରିବାକୁ ଦେଇନଥାନ୍ତି । ଏବେ ଅସଲ ଘଟଣାଟି ଯାହା ସରିୟା ସମ୍ବନ୍ଧିତ ଥିଲା ମୁଁ ତା'ଆଡ଼କୁ ଆସୁଛି ।

ମୁସଲମାନମାନଙ୍କର ଏହି ଛୋଟ ଜମାଅତ ନଖଲାରେ ପହଂଚିଲେ ଏବଂ ନିଜ କାର୍ଯ୍ୟରେ ନିୟୋଜିତ ହୋଇଗଲେ ଅର୍ଥାତ ଇନ୍‌ଫରମେସନ୍ ନେବା ଓ ସୁଚନା ଗ୍ରହଣ କରିବାରେ ନିୟୋଜିତ ହୋଇଗଲେ ଯେ, କୁଫାରେ ମକ୍କାଙ୍କ ଗତିବିଧି କିପରି ଅଛି, ସେମାନଙ୍କର ଉଦ୍ଦେଶ୍ୟ କ'ଣ । ମୁସଲମାନମାନଙ୍କ ଉପରେ କୌଣସି ପ୍ରକାରର ଆକ୍ରମଣ କରିବାର ଯୋଜନା ତ ନାହିଁ? ତେବେ ଏହି ଜ୍ଞାନ ଆହୋରଣ କରିବାପାଇଁ ସେମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ । ଏବଂ ସେମାନଙ୍କ ମଧ୍ୟରୁ କେତେକ ହଜୁର ସ.ଅଙ୍କ ନିର୍ଦ୍ଦେଶ ଗୋପନ ରଖିବା ପାଇଁ ଲଣ୍ଡା ହୋଇଗଲେ, ଯଦ୍ୱାରା ଲୋକେ ତାଙ୍କୁ ଉମରା କରିବା ପାଇଁ ଆସିଥିବା ଯାତ୍ରୀ ମଣି ସନ୍ଦେହ କରିବେ ନାହିଁ । କିନ୍ତୁ ଦିନେ କୁରେଶ୍‌ର ଏକ ଦଳ ହଠାତ୍ ସେଠାରେ ଆସି ପହଂଚିଗଲା ଯେ ତାଇଫ୍‌ରୁ ମକ୍କା ପତ୍ୟାବର୍ତନ କରୁଥିଲା । ଏପରି ଦୁଇ ଦଳ ମୁହାଁମୁହିଁ ହୋଇଗଲେ ସେତେବେଳେ ମୁସଲମାନମାନେ ପରାମର୍ଶ କଲେ ବର୍ତମାନ କ'ଣ କରିବା ଉଚିତ୍ ହେବ । ହଜୁର ସ.ଅ ସେମାନଙ୍କୁ ଲୁକାୟିତ ଭାବରେ ଖବର ନେବାକୁ ପଠାଇଥିଲେ, (ଅମାନ୍ୟକାରୀଙ୍କ) ମୁକାବିଲା କରିବା ପାଇଁ ତ କୌଣସି ନିର୍ଦ୍ଦେଶ ନାହିଁ । ବର୍ତମାନ ଉଭୟ ଦଳ ଆମନା ସାମନାରେ ଥିଲେ ଏବଂ କୁରେଶ୍ ଦଳ ସେମାନଙ୍କୁ ଦେଖି ନେଇଛନ୍ତି ତେଣୁ ତାଙ୍କ ଗୋପନୀୟତା ମଧ ଲୁକାୟିତ ରହିବ ନାହିଁ । କେତେକ ମୁସଲମାନମାନଙ୍କ ଧାରଣା ମୁତାବକ ଆଉ ଏକ ଅର୍ଚ୍ଛନା ଏହା ଥିଲା କି ତାହା ରଜବ୍ ଅର୍ଥାତ ହରମ ମାସର ଦିନ ଥିଲା ଯେତେବେଳେ ଆରବ ନିଜ ପୁରତନ ପ୍ରଥାନୁଯାୟୀ ଯୁଦ୍ଧ କରିବାକୁ ଉଚିତ୍ ମଣିବେ ନାହିଁ । ଦ୍ୱିତୀୟ ପାର୍ଶ୍ୱରେ ନଖଲା ପଡ଼ିଆ ଠିକ୍ ହରମ ଅଂଚଳ ସୀମାରେ ଅବସ୍ଥିତ ଥିଲା ଏବଂ ଏହା ସୁସ୍ପଷ୍ଟ ଥିଲା କି ଯଦି ସେହି ଦିନ କିଛି ନିଷ୍ପତି ନହୁଏ ତେବେ ଆସନ୍ତା କାଲି ଉକ୍ତ ଦଳ ହରମ ଅଂଚଳରେ ପ୍ରବେଶ କରିଯିବ ଯାହାର ଗାରିମା ବଜାୟ ରଖିବା ଅନିବାର୍ଯ୍ୟ ହୋଇଯିବ । ବସ୍ତୁତଃ ଏସମସ୍ତ କଥା ଚିନ୍ତା କରି ମୁସଲମାନମାନେ ଏହି ନିଷ୍ପତି ନେଲେ କି ଅମାନ୍ୟକାରୀଙ୍କ ଦଳ ଉପରେ ଆକ୍ରମଣ କରି ସେମାନଙ୍କୁ କଏଦ କରିନେବା ଅବା ନିପାତ କରିଦେବା । ସେ ଜାହା ହେଉ ମୁସଲମାନମାନେ ଆକ୍ରମଣ କରିଦେଲେ ପରିଣାମ ସ୍ୱରୂପ ଅମାନ୍ୟକାରୀଙ୍କ ମଧ୍ୟରୁ ଜଣେ ନିହତ ହେଲେ ଏବଂ ଦୁଇ ଜଣ କଏଦ ହେଲେ ତଥା ଚତୁର୍ଥ ବ୍ୟକ୍ତି ପଳାୟନ କରିବାରେ ସଫଳ ହୋଇଗଲା ଏବଂ ମୁସଲମାନମାନେ ତାହାକୁ ଧରିପାରିଲେ ନାହିଁ । ଏପରି ସେମାନଙ୍କ ଯୋଜନା ସଫଳ ହେବାର ସ୍ୱପ୍ନ ମଉଳିଗଲା । ତା'ପରେ ମୁସଲମାନମାନେ ସେମାନଙ୍କ ସାମଗ୍ରୀକୁ ନିଜ ଅଧିନ କରିନେଲେ । ଯେହେତୁ ଜଣେ ଅମାନ୍ୟକାରୀ ବର୍ତୀ ପଳାୟନ କରିଥିଲା ତେଣୁ ଆଶଙ୍କା ଥିଲା କି ସେ ଯାଇ ମକ୍କାବାସୀଙ୍କୁ ଏଥିସମ୍ବନ୍ଧରେ ସୂଚିତ କରିଦେବ ତେଣୁ ଅବଦୁଲ୍ଲାଃ ବିନ୍ ଜହଶ୍ ସମସ୍ତ ସାମଗ୍ରୀ ଧରି ଶିଘ୍ର ଶିଘ୍ର ମଦିନା ଆଡ଼କୁ ଫେରିଆସିଲେ ।

ଏହି ଅବସରରେ ମାର୍ଗୋଲେସ ସାହେବ ଲେଖୁଛନ୍ତି ଯେ, ବାସ୍ତବିକ ମୁହମ୍ମଦ୍ (ସ:ଆ:ସ) ଏହି ସେନା ଦଳକୁ ଜାଣିଶୁଣିକରି ଏ ନିୟତ ରଖି ଶହରେ ହରାମ୍ ଅର୍ଥାତ ପ୍ରତିବନ୍ଧକ ଲଗାଯାଇଥିବା ମାସରେ ପଠାଇଥିଲେ ଯେ, ଯେହେତୁ ଏହି ମାସରେ କୁରୈଶ୍ ସ୍ୱଭାବତଃ ଜାଗ୍ରତ ନଥିବେ ତେଣୁ ମୁସଲମାନମାନଙ୍କୁ ତାଙ୍କ କାଫିଲାକୁ ଲୁଟିନେବା ପାଇଁ ସହଜ ମୌକା ମିଳିଯିବ । କିନ୍ତୁ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏହା ବୁଝିପାରୁଥିବେ ଯେ, ଏପରି ଛୋଟିଆ ଦଳକୁ ଏତେ ଦୂରଦୁରାନ୍ତ ଇଲାକାରେ କୌଣସି କାଫିଲା ଉପରେ ଆକ୍ରମଣ କରିବାପାଇଁ ପ୍ରେରଣ କରାଯାଇନପାରେ ବିଶେଷରୂପେ ଯେତେବେଳେ ଶତ୍ରୁଙ୍କ ହେଡ଼କ୍ୱାଟର୍ ଅତି ନିକଟରେ ଥିବ । ଏବଂ ପୁଣି ଏକଥା ଇତିହାସରୁ ପ୍ରମାଣିତ ହେଉଛି ଯେ, ଏହି ଦଳଟି କେବଳ ଖବର ଆଣିବା ଉଦ୍ଦେଶ୍ୟରେ ପ୍ରେରଣ ହୋଇଥିଲା ଏବଂ ଆଁ ହଜରତ ସ:ଆ:ସଙ୍କୁ ଯେତେବେଳେ ଏ ଇଲମ୍ ହେଲା ଯେ, ସାହାବାମାନେ ଉକ୍ତ କାଫିଲା ଉପରେ ଆକ୍ରମଣ କରିଛନ୍ତି ବୋଲି ଏଥିରେ ଆପଣ ସ:ଆ:ସ ଭୀଷଣ ନାରାଜ ହୋଇଗଲେ । ଯେତେବେଳେ ସେମାନେ ହଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସମସ୍ତ ଘଟଣା ସମ୍ବନ୍ଧରେ ଅବଗତ କଲେ ସେତେବେଳେ ଆପଣ ସେମାନଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ହେଲେ ଏବଂ କହିଲେ ମୁଁ ତୁମକୁ ହରମ ସୀମା ମଧ୍ୟରେ ଲଢିବାକୁ ଅନୁମତି ଦେଇ ନଥିଲି ଏବଂ ଆପଣ ସ:ଆ:ସ ସେମାନଙ୍କ ଆଣିଥିବା ବିଜୟ ସାମଗ୍ରୀ (ମାଲେ ଗନିମତ୍) ମଧ ଗ୍ରହଣ କଲେ ନାହିଁ । ଏଥିରେ ହଜରତ ଅବଦୁଲ୍ଲାଃ ଓ ତାଙ୍କ ସାଥିମାନେ ଅତ୍ୟନ୍ତ ଅନୁତାପ କରି କ୍ଷୋଭରେ ଭାଙ୍ଗି ପଡ଼ିଲେ ଏବଂ ମଣିନେଲେ କି ବର୍ତମାନ ଆମେ ଅଲ୍ଲାଃ ଓ ରସୁଲଙ୍କୁ ଅତିଷ୍ଟ କରିବା ପରିଣାମ ସ୍ୱରୂପ ଧ୍ୱଂସ ହୋଇଯିବୁ । ସାହାବାମାନେ ମଧ ଦୁଃଖ ପ୍ରକାଶ କଲେ କି ତୁମେ ଏ କ'ଣ କଲ ।

ଦ୍ୱିତୀୟ ପାର୍ଶ୍ୱରେ କୁରେଶ୍ ମଧ ଚିତ୍କାର କରିବା ଆରମ୍ଭ କରିଦେଲେ କି ମୁସଲମାନମାନେ ହରମ ଶହରର ଗାରିମା ଭଙ୍ଗ କରିଛନ୍ତି ଏବଂ ଯେଉଁ ବ୍ୟକ୍ତି ନିହତ ହୋଇଥିଲା ଅର୍ଥାତ ଉମରୋ ବିନ୍ ହଜରମି ସେ ଜଣେ ଧନଶାଳୀ ବ୍ୟକ୍ତି ଥିଲା । ଏବଂ ମକ୍କାର ପ୍ରତିଷ୍ଠିତ ବ୍ୟକ୍ତି ଉତବା ବିନ୍ ରବିୟାର ହଲିଫ୍ ଅର୍ଥାତ୍ ମିତ୍ର ଥିଲା । ଏଥିଯୋଗୁଁ ମଧ କୁରେଶ୍‌ର କ୍ରୋଧକୁ ଅଧିକ ତେଜି ଥିଲା ଏବଂ ସେମାନେ ପୂର୍ବ ଅପେକ୍ଷା ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତୁତି କାର୍ଯ୍ୟ ଅଧିକ ତୀବ୍ର କରିଦେଲେ । ତେବେ ଏହି ଘଟଣାକୁ ନେଇ ଉଭୟ ମୁସଲମାନ ଓ ଅମାନ୍ୟକାରୀଙ୍କ ମଧ୍ୟରେ ତର୍କର ଲଢେଇ ମଧ ହୋଇଥିଲା । ଶେଷରେ କୁରଆନର ନିମ୍ନ ପଙ୍କ୍ତି ଅବତୀର୍ଣ୍ଣ ହେଲା ଯଦ୍ୱାରା ମୁସଲମାନମାନଙ୍କୁ ସାନ୍ତ୍ୱନା ଓ ସନ୍ତୋଷ ଲାଭ ହେଲା । **ୟସ୍‌ଅଲୁନକା ଅନିଶ୍ ଶହରିଲ୍ ହରାମି କିତାଲିନ୍ ଫିହ୍ କୁଲ୍ କିତାଲୁନ୍ ଫିହି କବିରୁନ୍ ୱ୍ୱସଦ୍‌ଦୁନ୍ ଅନ୍‌ସବିଲିଲ୍ଲାହି ୱ୍ୱ କୁଫ୍‌ରୁମ୍ ବିହି ୱ୍ୱଲ୍ ମସଜିଦିଲ୍ ହରାମ୍ ୱ୍ୱ ଇଖ୍‌ରାଜୁ ଅହଲିହି ମିନ୍‌ହୁ ଅକ୍‌ବରୁ ଇନ୍‌ଦଲ୍ଲାଃ ୱ୍ୱଲ୍ ଫିତ୍‌ନତୁ ଅକ୍‌ବରୁ ମିନଲ୍ କତ୍‌ଲ୍ ୱ୍ୱଲା ୟଜାଲୁନା ୟୁକାତିଲୁନକୁମ୍ ହତ୍‌ତା ୟରୁଦ୍‌ଦୁକୁମ୍ ଅନ୍‌ଦିନିକୁମ୍ ଇନିସ୍‌ତତାଉ (ବକ୍‌ରା : ୨୧୮)** ଅର୍ଥାତ ଏମାନେ ମର୍ଯ୍ୟାଦାପୂର୍ଣ୍ଣ ମାସରେ ଯୁଦ୍ଧ କରିବା ସଂକ୍ରାନ୍ତରେ ତୁମକୁ ପ୍ରଶ୍ନ କରୁଛନ୍ତି ତୁମେ କୁହ ଏଥିମଧ୍ୟରେ ଯୁଦ୍ଧ କରିବା ଏକ ଗର୍ହିତ କାର୍ଯ୍ୟ ଏବଂ ଅଲ୍ଲାଃଙ୍କ ପଥରୁ ନିବୃତ କରିବା ଓ ତାହାଙ୍କୁ ଓ ମର୍ଯ୍ୟାଦାପୂର୍ଣ୍ଣ ମସଜିଦ୍‌କୁ ଅସ୍ୱୀକାର କରିବା ତଥା ସେଠାକାର ନିବାସୀମାନଙ୍କୁ ତହିଁରୁ ବିତାଡ଼ିତ କରିବା ଅଲ୍ଲାଃଙ୍କ ନିକଟରେ ଅଧିକ ଗର୍ହିତ କାର୍ଯ୍ୟ ଅଟେ ଯାହାକି ଉପଦ୍ରବ ଓ ହତ୍ୟା ଅପେକ୍ଷା ଜଘନ୍ୟ ଅପରାଧ । ଏବଂ ଏମାନଙ୍କର ଶକ୍ତି ଥିଲେ ଏମାନେ ତୁମମାନଙ୍କୁ ତୁମମାନଙ୍କ (ଧର୍ମ) ବିଶ୍ୱାସରୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଯୁଦ୍ଧ କରୁଥିବେ ।

ସୁତରାଂ ଇତିହାସରୁ ପ୍ରମାଣ ମିଳୁଛି ଯେ, ଇସ୍‌ଲାମ୍ ବିରୋଧରେ କୁରୈଶ୍‌ର ବଡ଼ ବଡ଼ ସର୍ଦ୍ଦାରମାନେ ନିଜର ଖୁନି ପ୍ରପଗଣ୍ଡାକୁ **ଅଶ୍‌ହରେ ହୁରମ୍** ଅର୍ଥାତ ପ୍ରତିବନ୍ଧକ ଲଗାଯାଇଥିବା ମାସଗୁଡ଼ିକରେ ମଧ ବରାବର ଜାରି ରଖୁଥିଲେ । ଏପରି କି, **ଅଶ୍‌ହରେ ହୁରମ୍**ର ଇଜ୍‌ତିମା ଏବଂ ଯାତ୍ରାଗୁଡ଼ିକରୁ ଲାଭ ଉଠାଇ ସେମାନେ ଏହି ମାସଗୁଡ଼ିକରେ ନିଜର ଏହି ବିଭ୍ରାଟମୂଳକ କାର୍ଯ୍ୟଗୁଡ଼ିକୁ ଆହୁରି ଅଧିକା ବଢ଼ାଇଦେଉଥିଲେ ଏବଂ ପୁଣି ନିର୍ଲଜଭାବେ ନିଜ ମନକୁ ମିଥ୍ୟା ଆଶ୍ୱାସନା ଦେବାପାଇଁ ସେହି ସମ୍ମାନିତ ମାସଗୁଡ଼ିକୁ ତା'ର ସ୍ଥାନରୁ ଏପଟସେପଟ ମଧ କରିଦେଉଥିଲେ । ଯେମିତି ସେମାନେ ନସିଇ ନାମ ନେଇ ଡ଼ାକୁଥିଲେ ଏବଂ ପୁଣି ଆଗକୁ ଯାଇ ଆହୁରି ଅଧିକା କାଣ୍ଡ ସେମାନେ ଏପରି କରିଦେଲେ ଯେ, ସୁଲାଃ ହୁଦବିୟା ଅନୁଷ୍ଠିତ ହେବା ସମୟରେ ଦୃଢ଼ ଚୁକ୍ତି ହେବା ସତ୍ୱେ ମଧ କୁଫାରେ ମକ୍କା ଏବଂ ସେମାନଙ୍କ ସାଥିମାନେ ହରମ୍ ଇଲାକାରେ ମୁସଲମାନମାନଙ୍କ ଗୋଟିଏ ମିତ୍ର କବିଲାଙ୍କ ବିରୋଧରେ ତରବାରୀ ଚାଳନା କଲେ । ଏବଂ ପୁଣି ଯେତେବେଳେ ମୁସଲମାନମାନେ ସେହି କବିଲାକୁ ସାହାଯ୍ୟ କରିବାକୁ ବାହାରିଲେ ସେତେବେଳେ ସେମାନଙ୍କ ବିରୋଧରେ ମଧ ହରମ୍‌ରେ ଅର୍ଥାତ ପ୍ରତିବନ୍ଧକ ଲଗାଯାଇଥିବା ସ୍ଥାନରେ ତରବାରୀ ବ୍ୟବହାର କଲେ । ସୁତରାଂ ଅଲ୍ଲାଃତାଲାଙ୍କର ଏହି ଉତରରେ ମୁସଲମାନମାନଙ୍କୁ ସାନ୍ତ୍ୱନା ମିଳିବା ସହିତ ଅମାନ୍ୟକାରୀମାନେ ମଧ କିଛି ମାତ୍ରାରେ ଶୀତଳ ପଡ଼ିଗଲେ । ଏହି ସମୟରେ ସେମାନେ ନିଜର ଦୁଇ କଏଦୀଙ୍କୁ ମୁକ୍ତ କରିବା ନିମନ୍ତେ ମଦିନାରେ ପହଂଚିଗଲେ କିନ୍ତୁ ଯେହେତୁ ଏପର୍ଯ୍ୟନ୍ତ ସାଦ ବିନ୍ ଅବି ୱ୍ୱକାସ ଓ ଉତବା ବିନ୍ ଗଜ୍‌ୱ୍ୱାନ୍ ଫେରି ନଥିଲେ ତେଣୁ ହଜୁର ସ.ଅଙ୍କୁ ଅଶଙ୍କା ଥିଲା କି ଯଦି ସେମାନେ କୁରେଶ୍‌ଙ୍କ ହାତରେ ପଡ଼ିଯାନ୍ତି ତେବେ କୁରେଶ

**ହଦିସ୍ ନବୱ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ୱ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ୱ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ସେମାନଙ୍କୁ ଜୀବିତ ଛାଡ଼ିବେ ନାହିଁ । ଅତଏବ ହଜୁର ସେମାନଙ୍କ ନଫେରିବା ପର୍ଯ୍ୟନ୍ତ କଏଦୀମାନଙ୍କୁ ମୁକ୍ତ କରିବାକୁ ମନା କରିଦେଲେ ଏବଂ କହିଲେ ମୋ ଲୋକମାନେ ସୁରକ୍ଷିତ ମଦିନା ଫେରିଆସିବା ପରେ ମୁଁ ତୁମ ଲୋକମାନଙ୍କୁ ମୁକ୍ତ କରିବି । ସୁତରାଂ ଯେତେବେଳେ ସେ ଦୁହେଁ ଫେରିଆସିଲେ ସେତେବେଳେ ହଜୁର ସ.ଅ ଫିଦୟା ଅର୍ଥାତ୍ Compensation ନେଇ ଦୁଇ କଏଦୀଙ୍କୁ ମୁକ୍ତ କରିଦେଲେ କିନ୍ତୁ ସେମାନଙ୍କ ମଧ୍ୟରୁ ଜଣକୁ ହଜୁର ସ.ଅଙ୍କ ଉତମ ଚରିତ୍ର ଓ ଇସଲାମର ସୁନ୍ଦର ଶିକ୍ଷାର ଏଭଳି ପ୍ରଭାବିତ କଲା କି ସେ ସ୍ୱାଧୀନ ହେବା ପରେ ମଧ୍ୟ ମକ୍କା ଫେରିବାକୁ ମନା କରିଦେଲେ ଏବଂ ହଜୁର ସ.ଅଙ୍କ ହସ୍ତରେ ବୈଅତ କରି ମୁସଲମାନ ହୋଇ ହଜୁର ସ.ଅଙ୍କ ସାଥିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲେ ଏବଂ ଶେଷରେ ସେ ବୈଅରେ ମାଉନାରେ ଶହିଦ୍ ହୋଇଥିଲେ । *(ସିରତ୍ ଖାତ୍ମୁନ୍ ନବିଇନ୍ ପୃ-୩୩୦ ରୁ ୩୩୪)*

ଅତହ୍ ମାର୍ଗୋଲିସ୍ ଯିଏ ଜଣେ ଆପତିକାରୀ ଅଟନ୍ତି ତାଙ୍କ ଆପତିର ଉତର ଦେବା ପାଇଁ ସେମାନଙ୍କର ଇସ୍‌ଲାମ ଗ୍ରହଣ କରିବା ଓ ଇସ୍‌ଲାମ ଖାତିର କୁର୍ବାନୀ ଦେବା ହିଁ ଯଥେଷ୍ଟ କିନ୍ତୁ ଏମାନେ ଏକଥାକୁ ଉପେକ୍ଷା କରିଯାଉଛନ୍ତି ।

ହଜରତ ଉତବା ବିନ୍ ଗଜ୍‌ୱାନ୍ ବଦର ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ହେବାର ସୌଭାଗ୍ୟ ଲାଭ କରିଥିଲେ । *(ଉସଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୫୫୯..... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩)*

ହଜରତ ଉତବା ବିନ୍ ଗଜ୍‌ୱାନ୍ ର:ଅଙ୍କର ଦୁଇଜଣ ସ୍ୱାଧୀନ ଗୁଲାମ୍ ଖବାବ୍ ଏବଂ ସାଆଦଙ୍କୁ ମଧ୍ୟ ତାଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ ହେବାପାଇଁ ସୌଭାଗ୍ୟ ମିଳିଥିଲା । *(ଅଲ୍‌ଇସ୍‌ତିଆବ୍........ ଖଣ୍ଡ-୨, ପୃ-୪୩୯ ଖୁବାବ୍ ମୌଲା ଉତ୍‌ବା ବିନ୍ ଗଜ୍‌ୱାନ୍ ଦାରୁଲ୍ ଜୈଲ୍ ବେରୁତ ୧୯୯୨) (ଅଲ୍‌ଇସ୍‌ତିଆବ୍........ ଖଣ୍ଡ-୨, ପୃ-୬୧୨ ସାଆଦ୍ ମୌଲା ଉତ୍‌ବା ବିନ୍ ଗଜ୍‌ୱାନ୍ ଦାରୁଲ୍ ଜୈଲ୍ ବେରୁତ ୧୯୯୨) ।*

ହଜରତ ଉତବା ବିନ୍ ଗଜ୍‌ୱାନ୍ ହଜୁର ସ.ଅଙ୍କ ପ୍ରବୀଣ ଧନୁର୍ଦ୍ଧରଙ୍କ ମଧ୍ୟରୁ ଜଣେ ଥିଲେ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୭୨ .... ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୦)*

ହଜରତ ଉମର ର:ଅ ହଜରତ ଉତବା ବିନ୍ ଗଜ୍‌ୱାନ୍‌ଙ୍କୁ ବସରା ଅଭିମୂଖେ ପ୍ରେରଣ କରିଥିଲେ ଯଦ୍ୱାରା ସେ ଉବୁଲାବାସୀଙ୍କ ସହ ଯୁଦ୍ଧ କରିବେ ଯିଏ କି ଜଣେ ଫରାସୀ ଥିଲେ । ପ୍ରେରଣ କରି ହଜରତ ଉମର୍ ର:ଅ ତାଙ୍କୁ କହିଲେ ଯେ, ତୁମେ ଓ ତୁମର ସାଥିମାନେ ଯାତ୍ରା ଆରମ୍ଭ କରିଦିଅ ଏପରି କି, ଆରବ ସାମ୍ରାଜ୍ୟର ଶେଷ ସୀମା ଓ ଅଣ ଆରବୀୟ ସାମ୍ରାଜ୍ୟର ପ୍ରାରମ୍ଭ ପର୍ଯ୍ୟନ୍ତ ପହଂଚିଯାଅ ଅତଃ ତୁମେ ଅଲ୍ଲାଃଙ୍କ ବରକତ୍ ଏବଂ ଉତମତାର ସହିତ ଚାଲ । ଯଥାସମ୍ଭବ ପାରୁପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃଙ୍କୁ ଭୟ କରୁଥିବ ଏବଂ ଏକତା ଜାଣିନିଅ ଯେ, ତୁମେମାନେ ଭୀଷଣ ଶତ୍ରୁମାନଙ୍କ ନିକଟକୁ ଯାଉଅଛ ପୁଣି ସେ କହିଲେ ଯେ, ମୁଁ ଏ ଆଶା ରଖୁଛି କି, ଅଲ୍ଲାଃ ତାଲା ତାଙ୍କ ବିରୋଧରେ ତୁମର ସାହାଯ୍ୟ କରିବେ । ହଜରତ ଉମର୍ ର:ଅ କହିଲେ ଏବଂ ମୁଁ ହଜରତ ଅଲାଆ ବିନ୍ ହଜରମିଙ୍କୁ ଲେଖିଦେଇଛି ଯେ, ଅରଫଜା ବିନ୍ ହର୍‌ସମାଙ୍କ ଜରିଆରେ ତୁମର ସାହାଯ୍ୟ କରନ୍ତୁ ସେ ଶତ୍ରୁମାନଙ୍କ ସହିତ ଲଢ଼େଇ କରିବାରେ ବଡ଼ ଅଭିଜ୍ଞ ଏବଂ ରଣକୌଶଳରେ ଖୁବ୍ ପରିଚିତ । ପୁଣି ହଜରତ ଉମର ର:ଅ କହିଲେ ସୁତରାଂ ତୁମେ ତାଙ୍କଠାରୁ ପରାମର୍ଶ ନେବ ଓ ଲୋକମାନଙ୍କୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଡ଼ାକିବ ଯେଉଁଲୋକେ ତୁମ କଥାକୁ ମାନିନେବେ ସେମାନଙ୍କର ଇସ୍‌ଲାମକୁ ଗ୍ରହଣ କରିନେବ ଏବଂ ଯିଏ ନମାନିବ ତା' ଉପରେ ଜିଜିଆ କର ଧାର୍ଯ୍ୟ କରିବ ଯାହାକୁ ସେ ସ୍ୱୟଂମ ନିଜ ହାତ ଦ୍ୱାରା ବିନମ୍ରତାର ସହିତ ପଇଠ କରିବ । ଓ ଯେଉଁ ବ୍ୟକ୍ତି ଏକଥାକୁ ନ ମାନିବ ତେବେ ତରବାରୀ ସହିତ କାର୍ଯ୍ୟ ସମ୍ପାଦନ କରିବ ଅର୍ଥାତ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରହି ସେଠାରେ ରହିବ ସେମାନେ ଯଦିଚ ଜିଜିଆ ଦେବାକୁ ମଧ୍ୟ ପ୍ରସ୍ତୁତ ନହୁଅନ୍ତି ଅଥବା ମୁସଲମାନ ମଧ୍ୟ ନହୁଅନ୍ତୁ ଏବଂ ଯୁଦ୍ଧ କରିବାପାଇଁ ପ୍ରସ୍ତୁତ ହୁଅନ୍ତୁ ଏହିପରି ପରିସ୍ଥିତିରେ ସେ କହିଲେ ଯେ, ପୁଣି ତୁମେମାନେ ତରବାରୀ ସାହାଯ୍ୟରେ କାମ ନେବ । ଆରବୀୟମାନଙ୍କ ମଧ୍ୟରୁ ଯେଉଁମାନଙ୍କ ନିକଟ ଦେଇ ଯିବ ସେମାନଙ୍କୁ ଜିହାଦ କରିବାପାଇଁ ପ୍ରୋତ୍ସାହିତ କରିବ ଓ ଶତ୍ରୁମାନଙ୍କ ସହିତ ସତର୍କତାର ସହିତ ବ୍ୟବହାର କରିବ ଏବଂ ଅଲ୍ଲାଃଙ୍କୁ ଭୟ କରୁଥିବ ଯିଏ ହେଉଛନ୍ତି ତୁମର ପାଳନକର୍ତା । ହଜରତ ଉମର ହଜରତ ଉତବାଙ୍କ ସାଥିରେ ବସରା ଅଭିମୂଖେ ୮୦୦ଲୋକଙ୍କୁ ପ୍ରେରଣ କରିଥିଲେ, ପରବର୍ତୀ ସମୟରେ ଅଧିକ ସୈନ୍ୟ ସାହାଯ୍ୟ ନିମନ୍ତେ ପ୍ରେରଣ କରିଥିଲେ । ହଜରତ ଉତବା ଉବୁଲା ବିଜୟ କରିନେଇଥିଲେ ଏବଂ ସେଠାରେ ବସରା ସହର ବସାଇଥିଲେ । ଆପଣ ପ୍ରଥମ ବ୍ୟକ୍ତି ଯେ ବସରାକୁ ଏକ ସହର କରି ତାହାକୁ ବସବାସ ଉପଯୋଗୀ କରିଥିଲେ । ହଜରତ ଉମର ବିନ୍ ଖିତାବ୍ ଯେତେବେଳେ ହଜରତ ଉତବାଙ୍କୁ ବସରାର ମୁଖିଆ ନିଯୁକ୍ତ କଲେ ସେତେବେଳେ ସେ ଖରିବା ସ୍ଥାନରେ ଥିଲେ । ଖରିବା ଫାରସ୍ ଦେଶର ଗୋଟିଏ ପୂରୁଣା ଦେଶ ଥିଲା ଯାହାକୁ ଫାର୍ସୀ ଭାଷାରେ ଦୁହ୍‌ଶତାବାଜ୍ ଅଜ୍ ଦୁସିର୍ କୁହାଯାଉଥିଲା । ଆରବୀୟମାନେ ସେହି ସ୍ଥାନର ନାମକରଣ ଖରିବା କରିଦେଲେ । ତା' ନିକଟରେ ଯମଲ୍ ଯୁଦ୍ଧ ମଧ୍ୟ ଅନୁଷ୍ଠିତ ହୋଇଥିଲା । ହଜରତ ଉତବା ହଜରତ ଉମରଙ୍କୁ ପତ୍ର ଲେଖିଲେ କି ମୁସଲମାନମାନଙ୍କ ପାଇଁ ଏକ ସ୍ଥାନ ଧାର୍ଯ୍ୟ କରନ୍ତୁ ଯେଉଁଠାରେ କି ସେମାନେ ଶୀତ ଋତୁ ଅତିବାହିତ କରିବା ସହ ଯୁଦ୍ଧରୁ ଫେରିବା ପରେ ସେଠାରେ ଅବସ୍ଥାନ କରିପାରିବେ । ହଜରତ ଉମର ତାଙ୍କୁ ଲେଖିଲେ ସେମାନଙ୍କୁ ଏକ ଏପରି ସ୍ଥାନରେ ଏକତ୍ରିତ କରାନ୍ତୁ ଯେଉଁସ୍ଥାନ ନିକଟରେ ପାନୀୟ ଓ ଚାରଣ ଭୂମି ଥିବ । ଯଦି ଏପରି ଯୋଜନା ଅଛି ତେବେ ସ୍ଥାନ ମଧ୍ୟ ଏପରି ଚୟନ କରାଯିବା ଉଚିତ ଯେଉଁଠାରେ ପାଣି ମହଜୁଦ୍ ଥିବ ଓ ପଶୁମାନଙ୍କ ନିମନ୍ତେ ଚାରଣ ଭୂମି ଥିବ । ଏଥିରେ ହଜରତ ଉତବା ସେମାନଙ୍କୁ ନେଇ ବସରାରେ ରଖିଥିଲେ । ମୁସଲମାନମାନେ ସେଠାରେ ବାଉଂଶରେ ଘର ନିର୍ମାଣ କଲେ ହଜରତ ଉତ୍‌ବା ର:ଅ ବାଉଂଶ ସାହାଯ୍ୟରେ ମସ୍‌ଜିଦ୍ ନିର୍ମାଣ କରାଇଥିଲେ ଏହା ଚଉଦ ହିଜ୍‌ରୀର ଘଟଣା । ହଜରତ ଉତ୍‌ବା ମସଜିଦ୍ ନିକଟରେ ଥିବା ଏକ ଖୋଲା ସ୍ଥାନରେ ଅମିରଙ୍କ ଘର ନିର୍ମାଣ କରାଇଥିଲେ । ଲୋକମାନେ ଯେତେବେଳେ ଯୁଦ୍ଧ କରିବାପାଇଁ ବାହାରନ୍ତି ସେତେବେଳେ ସେହି ବାଉଂଶ ନିର୍ମିତ ଘରଗୁଡ଼ିକୁ ଉପାଡ଼ି ଦିଅନ୍ତି ଓ ବାନ୍ଧିବୁନ୍ଧିକରି ରଖିଥାନ୍ତି ଏବଂ ପୁଣି ଯେତେବେଳେ ଯୁଦ୍ଧରୁ ଫେରିଆସନ୍ତି ପୁନର୍ବାର ସେହି ଘରକୁ ତିଆରି କରିଦିଅନ୍ତି । ପରେ ଲୋକମାନେ ସେଠାରେ ପକ୍କାଘର ତିଆରି କରିବା ଆରମ୍ଭ କରିଦେଲେ । ହଜରତ ଉତ୍‌ବା ର:ଅ ମୁହିଜିନ୍ ବିନ୍ ଅଜରାଆଙ୍କୁ ନିର୍ଦ୍ଦେଶ ଦେଲେ ଓ ସେ ବସ୍‌ରାର ଯାମେ ମସ୍‌ଜିଦର ଭିତିପ୍ରସ୍ତର ରଖିଲେ ଓ ତା'କୁ ବାଉଂଶ ଦ୍ୱାରା ନିର୍ମାଣ କଲେ । ତା'ପରେ ହଜରତ ଉତବା ହଜ୍ କରିବା ନିମନ୍ତେ ବାହାରିଲେ ଏବଂ ମୁଜାଶା ବିନ୍ ଓସୁଦ୍‌ଙ୍କୁ ନିଜର ପ୍ରତିନିଧି କରି ତାଙ୍କୁ ଫରାତ ଆଭିମୂଖେ ପ୍ରେରଣ କଲେ ଏବଂ ହଜରତ ମୁଗେରା ବିନ୍ ଶୋବାଃଙ୍କୁ ନିର୍ଦ୍ଦେଶ ଦେଲେ କି ସେ ନମାଜରେ ଇମାମତ୍ କରନ୍ତୁ । ଯେତେବେଳେ ହଜରତ ଉମର ର.ଅଙ୍କ ନିକଟରେ ପହଂଚିଲେ ସେତେବେଳେ ସେ ବସରାର ଅଧ୍ୟକ୍ଷ ପଦରୁ ପଦତ୍ୟାଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏବଂ କହିଦେଲେ ଯେ, ଏବେ ମୋ ପାଇଁ ବହୁତ କଷ୍ଟକର କଥା । ତେଣୁ ଆଉ କାହାକୁ ସେଠିକାର ଅମିର ନିୟୋଜିତ କରିଦିଅନ୍ତୁ । କିନ୍ତୁ ହଜରତ ଉମର ତାଙ୍କ ପଦତ୍ୟାଗ କରିବା ସ୍ୱୀକାର କରି ନଥିଲେ । ସେତେବେଳେ ସେ ଦୁଆ କଲେ ହେ ଅଲ୍ଲାଃ ! ମୋତେ ପୁନର୍ବାର ସେହି ସହରକୁ ଫେରାଇବ ନାହିଁ । ଅତଏବ ସେ ନିଜ ବାହନରୁ ପଡ଼ିଗଲେ ଏବଂ ୧୭ହିଜରୀରେ ତାଙ୍କର ଦେହାନ୍ତ ଘଟିଲା । ଏହା ସେତେବେଳେ ହେଲା ଯେତେବେଳେ ହଜରତ ଉତ୍‌ବା ର:ଅ ମକ୍କାରୁ ବସରା ଆଡ଼କୁ ଯାତ୍ରା କରୁଥିଲେ ଓ ସେହି ସ୍ଥାନରେ ପହଂଚି ଯାଇଥିଲେ ଯାହାକୁ ଲୋକମାନେ ମାଦିନ୍ ବନି ସଲିମ୍ କହୁଥିଲେ । ଆଉ ଗୋଟିଏ କଥନ ମୁତାବକ ୧୭ ହିଜ୍‌ରୀରେ ରବ୍‌ଜା ନାମକ ସ୍ଥାନରେ ତାଙ୍କର ଦେହାନ୍ତ ହୋଇଥିଲା ଏବଂ ଆଉ ଗୋଟିଏ ତୃତୀୟ କଥନ ମଧ୍ୟ ରହିଛି । ତାଙ୍କ ଦେହାନ୍ତ ହେବା ସମ୍ବନ୍ଧରେ ଭିନ୍ନ ଭିନ୍ନ ରିୱାୟତ ମିଳୁଛି ଯେ, ସେ ୧୭ ହିଜ୍‌ରୀରେ ୫୭ ବର୍ଷ ବୟସରେ ବସ୍‌ରାରେ ଦେହତ୍ୟାଗ କରିଥିଲେ । ତାଙ୍କର ପେଟ ରୋଗ ଥିଲା ଏବଂ କେତେକ ଲୋକେ ତାଙ୍କ ମୃତ୍ୟୁବରଣ କରିବାର ବର୍ଷ ୧୫ ହିଜରୀ ବୋଲି ବର୍ଣ୍ଣନା କରିଛନ୍ତି । ହଜରତ ଉତବାଙ୍କର ଦେହାବସାନ ଅନ୍ତେ ତାଙ୍କ ଦାସ ସୌଏଦ୍ ତାଙ୍କ ସାମଗ୍ରୀ ଏବଂ ସମ୍ପତି ହଜରତ ଉମର ର.ଅଙ୍କ ନିକଟକୁ ଆଣି ପୈଠ କରିଦେଲେ । ହଜରତ ଉତବା ୫୭ବର୍ଷ ବୟସରେ ଏହି ଇହଧାମ ତ୍ୟାଗ କରିଥିଲେ । ସେ ଅତି ସୁନ୍ଦର ଓ ଉଚ୍ଚା ମଣିଷ ଥିଲେ । *(ଉସ୍‌ଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୫୫୯ ରୁ ୫୬୦ ଉତ୍‌ବା ବିନ୍ ଗଜୱାନ୍ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୩) (ପୁସ୍ତକ ଯମଲ୍ ମିନ୍ ଅନ୍‌ସାବୁଲ୍ ଅଶ୍‌ରାଫ ଖଣ୍ଡ-୧୩...... ପୃ-୨୯୮ ହାସିୟା, ଦାରୁଲ୍ ଫିକର୍ ବେରୁତ ୧୯୯୬) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୭୩, ଉତ୍‌ବା ବିନ୍ ଗଜୱାନ୍ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୦)*

ଖାଲିଦ୍ ବିନ୍ ଉମୈର୍ ଅଦଓ୍ୱି ବର୍ଣ୍ଣନା କରୁଛନ୍ତି ଯେ, ହଜରତ ଉତ୍‌ବା ବିନ୍ ଗଜୱାନ ଆମମାନଙ୍କୁ ସମ୍ବୋଧନ କରି ଉପଦେଶ ଦେଲେ । ସେ ପ୍ରଥମେ ଅଲ୍ଲାଃଙ୍କ ଗୁଣଗାନ କଲେ ପୁଣି କହିଲେ ଅମ୍ମା ବାଦ୍ ପୃଥିବୀ ନିଜ ଶେଷ ସମୟର ଘୋଷଣା କରିଦେଇଛି ଓ ସେ ଖୁବ୍ ଖୀପ୍ରଗତିରେ ପିଠି ବୁଲାଇ ଦେଇଛି । ଅର୍ଥାତ ଦୁନିଆ ଏବେ କୟାମତ ଆଡ଼କୁ ବଢ଼ିଚାଲିଛି ଏବଂ ସେଥିରେ କିଛି ମଧ୍ୟ ବାକି ରହିନାହିଁ କେବଳ ଏତିକି ମାତ୍ରାରେ ଯେ, ପାତ୍ର ଭିତରେ କିଛି ପିଇବା ପାଇଁ ଯେତେମାତ୍ରାରେ ବଂଚିଯାଏ ଯାହାକୁ ପିଇଥିବା ଲୋକ ଛାଡ଼ିଦେଇଥାଏ । ତୁମେ ଏଠାରୁ ଗୋଟିଏ ଏପରି ଘରକୁ ସ୍ଥାନାନ୍ତର ହେବାକୁ ଅଛ ଯାହାର ଶେଷ ନାହିଁ ଅର୍ଥାତ ଏ ଜୀବନ ହେଉଛି ଅସ୍ଥାୟି ତେଣୁ ଯାହା କିଛି ତୁମ ନିକଟରେ ଅଛି ତା'ଠାରୁ ଉତମ ସ୍ଥାନକୁ ତୁମେ ଚାଲିଯାଅ କାରଣ ଆମକୁ ଏକଥା କୁହାଯାଇଛି ଯେ, ଗୋଟିଏ ପଥରକୁ ନର୍କର ଗୋଟିଏ କୋଣକୁ ଫିଙ୍ଗି ଦିଆଯିବ ପୁଣି ତାହା ୭୦ ବର୍ଷ ପର୍ଯ୍ୟନ୍ତ ସେଥିରେ ଖସୁଥିବ ଏହା ସତ୍ତ୍ୱେ ମଧ୍ୟ ତା'ଗର୍ଭ ପର୍ଯ୍ୟନ୍ତ ପହଂଚିପାରିବ ନାହିଁ । ଏବଂ ଅଲ୍ଲାଃଙ୍କ ରାଣ ! ସେହି ନର୍କକୁ ନିଶ୍ଚିତ ରୂପେ ଭରିଦିଆଯିବ ଅର୍ଥାତ ପାପିମାନଙ୍କୁ ଏହିପରି ନର୍କ ଭିତରକୁ ଫିଙ୍ଗି ଦିଆଯିବ । ତେଣୁ ଏ ଜୀବନରେ ମୌକା ମିଳିଛି ତା'ର ଲାଭ ଉଠାଅ ଓ ପୂଣ୍ୟ କାର୍ଯ୍ୟ କରିବା ପ୍ରତି ଧ୍ୟାନ ଦିଅ ଏହା ଥିଲା ଆପଣ ର:ଅଙ୍କ କହିବାର ଉଦ୍ଦେଶ୍ୟ । ପୁଣି କହିଲେ କ'ଣ ତୁମେ ଏଥିରେ ଆଶ୍ଚର୍ଯ୍ୟ ହୋଇଯାଉଛ ? ଏବଂ ତୁମକୁ ବତାଯାଇଛି ଯେ, ବୈକୁଣ୍ଠର ଦୁଇଟି ଫାଟକ ମଧ୍ୟରୁ ଗୋଟିଏ ଫାଟକରୁ

| ହଜ୍‌ରତ୍ ଅମୀରୁଲ୍ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ *(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

ଦ୍ୱିତୀୟ ପାଟକ ପର୍ଯ୍ୟନ୍ତ ୪୦ ବର୍ଷ ଯାତ୍ରା କରିବାର ଦୂରତାରେ ରହିଛି । ଏବଂ ନିଶ୍ଚିତରୂପେ ଏପରି ଏକ ଦିନ ଆସିବ ତାହା ଲୋକମାନଙ୍କର ବହୁଳତାରେ ପୂର୍ଣ୍ଣ ହୋଇଯିବ । ମୁଁ ନିଜକୁ ଦେଖିଛି ଯେ, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ୭ ଜଣଙ୍କ ମଧ୍ୟରୁ ଜଣେ ଥିଲି । କେବେ ଗଛର ପତ୍ର ବ୍ୟତିତ ଆମର କୌଣସି ଖାଦ୍ୟ ନଥିଲା ଅର୍ଥାତ ଏପରି ସମୟ ଆମ ଉପରେ ଆସିଛି ଯେତେବେଳେ ଆମର ଅବସ୍ଥା ବହୁତ ଖରାପ ଥିଲା । ତେଣୁ ଆମେ ଗଛର ପତ୍ର ଖାଉଥିଲୁ ଏପରି କି ଆମ ପାଟିକଡ଼ ରେ ଘା' ହୋଇଗଲା । ପୁଣି ଆପଣ ର:ଅ କହୁଛନ୍ତି ଯେ, ମତେ ଗୋଟିଏ ଚାଦର ମିଳିଥିଲା ମୁଁ ତାକୁ ସାଆଦ୍ ବିନ୍ ମାଲିକଙ୍କ ପାଇଁ ଦୁଇଖଣ୍ଡ କରି ଚିରିଦେଲି । ଆମର ଏପରି ଅବସ୍ଥା ଥିଲା ଯେ, ଶରୀରକୁ ସମ୍ପୂର୍ଣ୍ଣରୂପେ ଢ଼ାଙ୍କିବା ପାଇଁ ଚାଦର ମଧ ନଥିଲା । ଅଧା ଚାଦରକୁ ମୁଁ ନିଜ ଶରୀର ଉପରେ ଗୁଡ଼ାଇବା ପାଇଁ ଲୁଙ୍ଗି ବନାଇଦେଲି ଆଉ ଅଧା ସାଆଦ୍ ବ୍ୟବହାର କଲେ । ଆପଣ ର:ଅ କହିଲେ କିନ୍ତୁ ଏବେ ଆମମାନଙ୍କ ମଧ୍ୟରୁ କିଏ ସକାଳ ପାଇବା ମାତ୍ରେ କୌଣସି ଏକ ସହରର ଅମିର ହୋଇଯାଉଛି । ଏବଂ ମୁଁ ଏଥିରୁ ଅଲ୍ଲାଃଙ୍କ ଶରଣ ଚାହୁଁଛି ଓ ମୁଁ ନିଜକୁ ବଡ଼ ଭାବୁନାହିଁ ବରଂ ଅଲ୍ଲାଃ ତାଲାଙ୍କ ନିକଟରେ ବହୁତ ଛୋଟ । ସେଥିପାଇଁ ଆପଣ ର:ଅ କହିଲେ ମୋ ବିନମ୍ରତାର ଅବସ୍ଥା ଏପରି କି ମୁଁ ନିଜକୁ ବହୁତ ଛୋଟ ମଣୁଛି । ପରିସ୍ଥିତି ଏବେ ପରିବର୍ତ୍ତନ ହୋଇଯାଇଛି ସବୁକିଛି ସୁବିଧା ମିଳିଗଲାଣି ତେଣୁ ଏବେ ତୁମମାନଙ୍କୁ ବହୁତ ଚିନ୍ତା କରିବା ଉଚିତ ।

ପୁଣି କହିଲେ ଅତିତରେ କୌଣସି ନବୁଓ୍ୱତ୍ ଏପରି ଆସିନାହିଁ ଯାହାର ପ୍ରଭାବ ଶେଷ ହୋଇନଥିବ ଏପରି କି ତାହାର ପରିଣାମ ରାଜତନ୍ତ୍ର ହୋଇନଥିବ । ଏବଂ ତୁମେମାନେ ପ୍ରକୃତ କଥାକୁ ଜାଣିନେବ ଓ ଆମ ପରେ ତୁମମାନଙ୍କୁ ସରକାରଙ୍କ ଅନୁଭବ ହୋଇଯିବ । *(ସହି ମୁସଲିମ୍......କିତାବୁଜ୍ଜୁହୁଦ୍ ୨୯୬୭)*

ଆପଣ ର:ଅ ପୁଣି କହିଲେ ଯେ, ମୁସଲମାନମାନଙ୍କ ମଧ୍ୟରେ ଏପରି ଅବସ୍ଥା ଆସିବ ଯେ, ସେମାନଙ୍କଠାରେ ସଂସାରବାଦ ସୃଷ୍ଟି ହୋଇଯିବ ସେତେବେଳେ ତୁମେ ଏକଥା ଦେଖି ନେବ ଯେ, ଯାହା ମୁଁ କହୁଥିଲି ତାହା ଠିକ୍ ଅଟେ କିନ୍ତୁ ତୁମେମାନେ ସର୍ବଦା ଖୁଦାତାଲାଙ୍କ ପ୍ରତି ଧ୍ୟାନ ରଖିବ ଏବଂ ଧର୍ମ ପ୍ରତି ଧ୍ୟାନ ରଖିବ ଓ ଆଧ୍ୟାତ୍ମିକତା ପ୍ରତି ଧ୍ୟାନ ଦେବ । ଏହା ଦ୍ୱାରା ବୈକୁଣ୍ଠକୁ ଯିବାପାଇଁ ସାମାନ୍ ଉପଲବ୍ଧ ହୋଇପାରିବ ।

ପରବର୍ତୀ ସାହାବୀ ହେଲେ ହଜରତ ସାଦ୍ ବିନ୍ ଅବାଦାଃ ର:ଅ । ହଜରତ ସାଦ୍ ବିନ୍ ଅବାଦାଃ ର:ଅଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍‌ର ବନୁ ସାଆଦା ଶାଖା ସହିତ ଥିଲା ତାଙ୍କ ବାପାଙ୍କ ନାମ ଉବାଦାଃ ବିନ୍ ଦୁଲୈମ୍ ଏବଂ ମାଆଙ୍କ ନାମ ଅମ୍‌ରାଃ ଥିଲା ଯିଏ ମସ୍‌ଉଦ୍ ବିନ୍ କୈସ୍‌ଙ୍କ ତୃତୀୟ ଝିଅ ଥିଲେ । ତାଙ୍କ ମାଆଙ୍କୁ ମଧ୍ୟ ନବି କରିମ୍ ସ:ଆ:ସଙ୍କ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ହଜରତ ସାଦ୍ ବିନ୍ ଅବାଦାଃ ର:ଅ ହଜରତ ସାଆଦ୍ ବିନ୍ ଜୈଦ୍ ଅଶ୍‌ହଲିଙ୍କ ମାଉସୀ ପୁଅ ଭାଇ ଥିଲେ । ଯିଏ ଅହଲେ ବଦର୍ ଅର୍ଥାତ ବଦର ଯୁଦ୍ଧରେ ଯୋଗଦେଇଥିବା ଲୋକମାନଙ୍କ ମଧରେ ଥିଲେ । ହଜରତ ସାଆଦ୍ ଦୁଇଟି ବିବାହ କରିଥିଲେ ଗଜିୟା ବିନ୍‌ତେ ସାଆଦ୍ ଯାହାଙ୍କ ଗର୍ଭରୁ ସଇଦ୍, ମୁହମ୍ମଦ୍ ଏବଂ ଅବ୍‌ଦୁର୍ ରହମାନ୍ ଜନ୍ମ ହୋଇଥିଲେ ଏବଂ ଦ୍ୱିତୀୟ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଫୁକୈହା ବିନ୍‌ତେ ଉବୈଦ ଯାହାଙ୍କ ଗର୍ଭରୁ କୈସ୍, ଉମାମା ଏବଂ ସଦୁସ୍ ଜନ୍ମ ହୋଇଥିଲେ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୦ ରୁ ୪୬୧ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦)*

ମନ୍‌ଦୁସ ବିନ୍‌ତେ ଉବାଦାଃ ହଜରତ ସାଦ୍ ବିନ୍ ଅବାଦାଃ ର:ଅଙ୍କର ଭଉଣୀ ଥିଲେ ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ କରି ଇସ୍‌ଲାମ ଗ୍ରହଣ କରିଥିଲେ । ହଜରତ ସାଦ୍ ବିନ୍ ଅବାଦାଃ ର:ଅଙ୍କର ଆଉ ଜଣେ ଭଉଣୀ ମଧ ଥିଲେ ଯାହାଙ୍କ ନାମ ଲୈଲା ବିନ୍‌ତେ ଉବାଦାଃ ଥିଲା । ସେ ମଧ ରସୁଲୁଲ୍ଲାଃ ସ:ଆ:ସଙ୍କ ବୟତ କରିଥିଲେ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୮, ପୃ-୨୭୭.......ଲୈଲା ବିନ୍‌ତେ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦)*

ତାଙ୍କ କୁନିୟତ ଅର୍ଥାତ ଗୌତ୍ର ଅବୁ ସାବିତ ଥିଲା । ହଜରତ ସାଦ୍ ବିନ୍ ଅବାଦାଃ ଜଣେ ସରଦାର ଓ ଦାନୀ ବ୍ୟକ୍ତି ଥିଲେ । ସମସ୍ତ (ଧର୍ମ) ଯୁଦ୍ଧରେ ଅନସାରଙ୍କ ଧ୍ୱଜା ତାଙ୍କ ହସ୍ତରେ ରହିଥିଲା । ଅନସାରମାନଙ୍କ ମଧରେ ସେ ଜଣେ ମାନ୍ୟଗଣ ଓ ସୁପ୍ରସିଦ୍ଧ ବ୍ୟକ୍ତିତ୍ୱ ଥିଲେ । ତାଙ୍କୁ ଅନସାରମାନେ ନିଜର ପ୍ରଧାନ ସ୍ୱୀକାର କରୁଥିଲେ । *(ଉସ୍‌ଦୁଲ୍ ଗାବାଃ....... ଖଣ୍ଡ-୨, ପୃ-୪୪୧ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୩)*

ହଜରତ ସାଦ୍ ବିନ୍ ଅବାଦାଃ ର:ଅ ଜାହିଲିୟତ ଯୁଗରେ ଆରବୀ ଲେଖିବା ଜାଣିଥିଲେ ଯଦିଚ ସେତେବେଳେ ଖୁବ୍ କମ୍ ଲୋକ ଲେଖାପଢା ଜାଣିଥିଲେ, ତଥାପି ହଜରତ ସାଦ୍ ବିନ୍ ଅବାଦାଃ ସେହି ଅନ୍ଧକାରମୟ ଯୁଗରେ ମଧ ଆରବୀ ଲେଖାପଢା ଜାଣିଥିଲେ । ସେ ପହଂରିବା ଓ ଧନୁର୍ଦ୍ଧରରେ ବେଶ୍ ଦକ୍ଷ ଥିଲେ ସେତେବେଳେ ଏହି କାର୍ଯ୍ୟରେ ଯେ ନିପୁଣ ଥିଲା ତାହାକୁ ପୂର୍ଣ୍ଣ ମଣିଷର ମାନ୍ୟତା ମିଳୁଥିଲା । ଜାହିଲିୟତ ଯୁଗରେ ହଜରତ ସାଦ୍ ବିନ୍ ଅବାଦାଃ ର:ଅ ଓ ତାଙ୍କ ପୂର୍ବରୁ ତାଙ୍କ ଜେଜେବାପା ଗୋସେଇ ଜେଜେବାପା ନିଜର କିଲା ଉପରେ ଏ ଘୋଷଣା କରୁଥିଲେ ଯେ, ଯାହାଙ୍କୁ ମାଂସ ଓ ଚର୍ବି ପସନ୍ଦ ସେ ଦୁଲୈମ୍ ବିନ୍ ହାରିସାଙ୍କ କିଲା ପହଂଚିଯାଉ । ହିଶାମ୍ ବିନ୍ ଉରଓ୍ୱା ନିଜ ପିତାଙ୍କ ମାଧମରେ ବର୍ଣ୍ଣନା କରନ୍ତି ଯେ, ମୁଁ ହଜରତ ସାଦ୍ ବିନ୍ ଅବାଦାଃଙ୍କୁ ସେତେବେଳେ ଦେଖିଲି ଯେତେବେଳେ ସେ ନିଜ ଦୁର୍ଗରେ ଉଚ୍ଚ ସ୍ୱରରେ କହୁଥିଲେ କି ଯେଉଁ ବ୍ୟକ୍ତି ଚର୍ବି ଓ ମାଂସ (ଖାଇବାକୁ) ପସନ୍ଦ କରୁଅଛି ସେ ସାଦ୍ ବିନ୍ ଅବାଦାଃଙ୍କ ନିକଟକୁ ଆସନ୍ତୁ । ଅର୍ଥାତ ପଶୁମାନଙ୍କୁ ଜେଭ କରି ତା'ର ମାଂସକୁ ବାଂଟି ଦେଉଥିଲେ । ମୁଁ ତାଙ୍କ ପୁତ୍ରକୁ ମଧ ଏପରି ଅବସ୍ଥାରେ ଦେଖିଲି କି ସେ ମଧ ନିଜ ପିତାଙ୍କ ପରି ଲୋକମାନଙ୍କୁ ନିମନ୍ତ୍ରଣ କରୁଥିଲେ । ସେ କହୁଛନ୍ତି ଯେ, ମୁଁ ମଦିନାର ରାସ୍ତା ଉପରେ ଚାଲୁଥିଲି ସେତେବେଳେ ମୁଁ ଯୁବକ ଥିଲି । ହଜରତ ଅବଦୁଲ୍ଲା ବିନ୍ ଉମର୍ ମୋ ସାଥିରେ ଯାଉଥିଲେ । ହିଶମ୍ ବିନ୍ ଉରୁଆ ନିଜ ବାପାଙ୍କ ଠାରୁ ଏହା ରିଓ୍ୱାୟତ କରିଛନ୍ତି । ସେ କହୁଛନ୍ତି ସେତେବେଳେ ମୁଁ ଯୁବକ ଥିଲି ଓ ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ମୋ ନିକଟ ଦେଇ ଗଲେ ସେ ଆଲିହିମ୍ ସ୍ଥାନରେ ଥିବା ନିଜ ଜମିଆଡ଼କୁ ଯାଉଥିଲେ ସେହିସ୍ଥାନଟି ମଦିନାରୁ ନଜଦ୍ ଆଡ଼କୁ ଯାଉଥିବାର ୪ ରୁ

> **ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 23-30 Jan 2020 Issue No. 4-5

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

୮ ମାଇଲ ମଧ୍ୟରେ ଅବସ୍ଥିତ ଗୋଟିଏ ସମତଳ ସ୍ଥାନ ଥିଲା । ସେ କହିଲେ ଯେ, ହେ ଯୁବକ ! ଏଠାକୁ ଆ । ଅବଦୁଲା ବିନ୍ ଉମର୍ ତାଙ୍କ ବାପାଙ୍କୁ ଡ଼ାକିଲେ ସେ କହିଲେ ଯେ, ହେ ଯୁବକ ! ଦେଖ ! କ'ଣ ତୁମକୁ ଏବେ ସାଆଦ୍ ବିନ୍ ଉବାଦାଃଙ୍କ କିଲା ଉପରେ କିଏ ଡ଼ାକୁଥିବାର ଦେଖୁଅଛ । କିଲା ଟି ବହୁତ ନିକଟରେ ଥିଲା ସେ କହୁଛନ୍ତି ମୁଁ ଦେଖିକି କହିଲି କେହି ନାହାନ୍ତି ଏଥିରେ ସେ କହିଲେ ତୁମେ ସତ କହୁଛ । *(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍ ଖଣ୍ଡ-୩, ପୃ-୪୬୦-୪୬୧.......ସାଆଦ୍ ବିନ୍ ଉବାଦାଃ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୦) (ଉମ୍‌ଦତୁଲ୍ କାରି ଖଣ୍ଡ-୧୬, ପୃ-୨୭୯ କିତାବ୍ ଫଜାଏଲୁଲ୍ ସାହାବା ଦାର୍ ଅହ୍‌ୟାଉଲ୍ ତୁରାସୁଲ୍ ଆରବୀ ବେରୁତ ୨୦୦୩)*

ଏପରି ଲାଗୁଛି ଯେ ଯେଉଁ ଭଳି ଖୋଲା ହାତ ହଜରତ ସାଆଦ୍ ବିନ୍ ଉବାଦାଃ ର:ଅଙ୍କର ଥିଲା ଓ ଯେଉଁଭଳି ସେ ବଂଟନ କରୁଥିଲେ ତାଙ୍କ ପରେ ସେହି କାର୍ଯ୍ୟ ଜାରି ରହିଲା ନାହିଁ ସେଥିଯୋଗୁଁ ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ତାଙ୍କୁ ଏମିତି ପଚାରିଲେ ।

ହଜରତ ନାଫେ ବର୍ଣ୍ଣନା କରୁଛନ୍ତ ଯେ, ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ହଜରତ ସାଦ୍ ବିନ୍ ଉବାଦାଃ ର:ଅଙ୍କ କିଲା ନିକଟରେ ଯେତେବେଳେ ଯାଉଥିଲେ ସେ ମତେ କହିଲେ ଯେ, ହେ ନାଫେ ! ଏହା ତାଙ୍କ ପୂର୍ବପୁରୁଷଙ୍କ ଘର ଅଟେ । ବର୍ଷକରେ ଦିନେ ଜଣେ ଘୋଷଣାକାରୀ ଏ ଘୋଷଣା କରିଥାଏ ଯେ ଯିଏ ଚର୍ବି ଓ ମାଂସ ଖାଇବା ପାଇଁ ଇଚ୍ଛୁକ ସେ ଦୁଲେମ୍ ଙ୍କ ଘରକୁ ଆସିଯାଉ ତା'ପରେ ପୁଣି ଯେତେବେଳେ ଦୁଲେମ୍ ମରିଗଲେ ଉବାଦାଃ ଏହିପରି ଘୋଷରା କରାଉଥଲେ । ଯେତେବେଳେ ଉବାଦଃାଙ୍କର ଦେହାନ୍ତ ହେଲା ସେତେବେଳେ ହଜରତ ସାଦ୍ ର:ଅ ଏହିପରି ଏଲାନ୍ ଅର୍ଥାତ ଘୋଷଣା କରାଉଥିଲେ ପୁଣି ତା'ପରେ ମୁଁ କୈସ୍ ବିନ୍ ସାଆଦଙ୍କୁ ଏପରି କରିବାର ଦେଖିଛି ଓ କୈସ୍ ମାତ୍ରାଧିକ ଦାନ କରୁଥିବା ଲୋକମାନଙ୍କ ମଧ୍ୟରେ ଥିଲେ *(ଅଲ୍‌ଇସ୍‌ତିଆବ୍....... ଖଣ୍ହ-୨, ପୃ-୫୯୫ ସାଆଦ୍ ବିନ୍ ଉବାଦାଃ ଦାରୁଲ୍ ଜଏଦ୍ ବେରୁତ ୧୯୯୨)*

ସୁତରାଂ ଏହି ରିୱାୟତରୁ ଅଧିକ ସ୍ପଷ୍ଟ ହୋଇଗଲା ଯେ, ତାଙ୍କ ସନ୍ତାନମାନଙ୍କ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଥିଲା ତା'ପରେ ସେପରି ଅବସ୍ଥା ରହିଲା ନାହିଁ ।

ହଜରତ ସାଦ୍ ବିନ୍ ଅବାଦାଃ ବୈଅତେ ଉକବା ସାନିୟାରେ ଇସଲାମ ଧର୍ମ ସ୍ୱୀକାର କରିଥିଲେ । *(ସିରସ୍ ସାହାବା ଖଣ୍ଡ-୩, ପୃ-୩୭୫ ଦାରୁଲ୍ ଇଶାଅତ୍ କରାଚୀ ୨୦୦୪)*

ସିରତ ଖାତମୁନ୍ ନବୀଇନ୍‌ରେ ତାଙ୍କର ଚର୍ଚ୍ଚା ଏପରି ଦରଜ ରହିଛି କି ୧୩ହିଜରୀର ଜିଲ୍ ହଜା ମାସରେ ହଜ୍ କରିବା ସମୟରେ ଅୱ୍‌ସ୍ ଓ ଖଜରଜ୍‌ର କେତେକ ବ୍ୟକ୍ତି ମକ୍କା ଆସିଲେ, ସେମାନଙ୍କ ମଧ୍ୟରେ ୭୦ଜଣ ଏପରି ବ୍ୟକ୍ତି ଥିଲେ ଯେ ଅନ୍ତରରୁ ମୁସଲମାନ ହୋଇଯାଇଥିଲେ ଅବା ମୁସଲମାନ ହେବାକୁ ଚାହୁଁଥିଲେ । ଏବଂ ଆଁ ହଜରତ ସ:ଆ:ସଙ୍କ ସହିତ ସାକ୍ଷାତ କରିବାପାଇଁ ମକ୍କା ଆସିଥିଲେ । ମୁସ୍‌ଅବ୍ ବିନ୍ ଉମୈ ର:ଅ ମଧ୍ୟ ତାଙ୍କ ସହିତ ଥିଲେ । ମୁସ୍‌ଅବ୍ ର:ଅଙ୍କ ମାଆ ଜୀବିତ ଥିଲେ ଓ ସେ ଜଣେ ମୁସ୍‌ରିକା (ଅର୍ଥାତ ଅନେକଶ୍ୱରବାଦୀ) ଥିଲା ଏହା ସତ୍ୱେ ମଧ୍ୟ ତାଙ୍କୁ ବହୁତ ପ୍ରେମ କରୁଥିଲେ । ସେତେବେଳେ ତାଙ୍କୁ ମସ୍‌ଅବ୍‌ଙ୍କ ଆସିବାର ଖବର ମିଳିଲା ସେ ତାଙ୍କ ପାଖକୁ ଖବର ଦେଲେ ଯେ, ପ୍ରଥମେ ଆସି ମୋ ସହିତ ସାକ୍ଷାତ କର ଏବଂ ତା'ପରେ ପୁଣି ଅନ୍ୟ କେଉଁସ୍ଥାନକୁ ଯିବ । ଏଥିରେ ମସ୍‌ଅବ୍ ତାଙ୍କ ମାଆଙ୍କୁ ଉତର ଦେଇ କହିଲେ ଯେ, ମୁଁ ଏ ପର୍ଯ୍ୟନ୍ତ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାକ୍ଷାତ କରିନାହିଁ ତେଣୁ ତାଙ୍କ ସହିତ ସାକ୍ଷାତ କରିବା ପରେ ଆପଣଙ୍କ ନିକଟକୁ ଆସିବି ସୁତରାଂ ସେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଯାଇ ଉପସ୍ଥିତ ହୋଇଗଲେ । ଆଁ ହଜରତ ସ:ଆ:ସଙ୍କ ସହିତ ମିଶି ଓ ଜରୁରି ପରିସ୍ଥିତି ବିଷୟରେ କଥା ହୋଇସାରିବ ଅନ୍ତେ ନିଜ ମାଆଙ୍କ ନିକଟକୁ ଗଲେ । ତାଙ୍କ ମାଆ ଯେତେବେଳେ ଜାଣିଲେ ଯେ, ସେ ମୋ ସହିତ ପ୍ରଥମେ ସାକ୍ଷାତ କଲେ ନାହିଁ ବୋଲି ବହୁତ ରାଗିଯାଇଥିଲେ ସୁତରାଂ ସେ ତାଙ୍କୁ ଦେଖି ବହୁତ କାନ୍ଦିଲେ ଓ ଅଭିଯୋଗ ଆପତି କଲେ । ମସ୍‌ଅବ୍ ର:ଅ କହିଲେ ଯେ, ହେ ମାତା ମୁଁ ତୁମକୁ ଗୋଟିଏ ବହୁତ ଭଲ କଥା କହୁଛି ଯାହା ତୁମ ପାଇଁ ଅତ୍ୟନ୍ତ ଲାଭକାରୀ ହେବ । ଓ ସବୁ ଝଗଡ଼ାର ନିଷ୍ପତି ହୋଇଯିବ ଏଥିରେ ସେ କହିଲେ ତାହା କ'ଣ ? ମସ୍‌ଅବ୍ ର:ଅ କହିଲେ, ବହୂତ ଧୀର ସ୍ୱରରେ ଉତର ଦେଲେ ଯେ, ସେ କଥାଟି ହେଉଛି ଏହା କି, ତୁମେ ପିତୁଳା ପୁଜାକୁ ପରିତ୍ୟାଗ କରି ମୁସଲମାନ ହୋଇଯାଅ ଓ ଆଁ ହଜରତ ସ:ଆ:ସଙ୍କ ଉପରେ ଇମାନ୍ ନେଇ ଆସ ସେ ପକ୍କା ମୁସ୍‌ରିକା ଥିଲେ ତେଣୁ ଏ କଥା ଶୁଣି କୋଳାହଳ ସୃଷ୍ଟି କରିଦେଲେ ଯେ, ମତେ ନକ୍ଷତ୍ର ମାନଙ୍କର ରାଣ ମୁଁ ତୁମ ଧର୍ମରେ କେବେ ବି ଦାଖଲ ହେବି ନାହିଁ ଓ ନିଜ ନିକଟ ସମ୍ପର୍କୀୟ ମାନଙ୍କୁ ଇଙ୍ଗିତ କରି କହିଲେ ଯେ, ମସ୍‌ଅବ୍ ର:ଅଙ୍କୁ ଧରି ବନ୍ଦି କରିନିଅ କିନ୍ତୁ ସେ ବହୁତ ସଜାଗ ଥିଲେ ଯଥାଶିଘ୍ର ସେଠାରୁ ପଳାୟନ କରି ଫେରିଗଲେ ।

ବୟତେ ଅକ୍‌ବା ସାନିଆ ସମ୍ବନ୍ଧରେ ଲେଖିଛନ୍ତି ଯେ, ହଜରତ ମୁହମ୍ମଦ ସ.ଅଙ୍କୁ ମୁସେବ୍‌ଙ୍କ ମାଧ୍ୟମରେ ଅନସାରଙ୍କ ଆଗମନର ଖବର ମିଳିଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ କେତେକ ଆପଣଙ୍କ ସହ ବ୍ୟକ୍ତିଗତ ଭାବରେ ସାକ୍ଷାତ ମଧ୍ୟ କରିସାରିଥିଲେ । କିନ୍ତୁ ସେତେବେଳେ ଏକ ସାମୁହିକ ସାକ୍ଷାତର ମଧ୍ୟ ଆବଶ୍ୟକତା ରହିଥିଲା ତେଣୁ ହଜ୍ କରିବାର ପ୍ରଥା ଅନ୍ତେ ହଜ୍ କରିବାର ମଧ୍ୟବର୍ତୀ ଦିନ ଧାର୍ଯ୍ୟ କରାଗଲା କି ସମସ୍ତେ ଉକ୍ତ ଦିନର ମଧ୍ୟ ରାତ୍ରିରେ ଗତବର୍ଷ ଏକତ୍ର ହୋଇଥିବା ଘାଟିଠାରେ ଆସି ହଜୁର ସ.ଅଙ୍କ ସହ ସାକ୍ଷାତ କରିବେ । ଯଦ୍ୱାରା ଶାନ୍ତି ଓ ଧ୍ୟାନର ସହିତ ଅଲଗା ହୋଇ କଥାବାର୍ତା କରିପାରିବେ ଏବଂ ଆଁ ହଜରତ ସ:ଆ:ସ ଅନ୍‌ସାରମାନଙ୍କୁ ଏ ତାଗିଦ୍ କରିଥିଲେ ଯେ, ଏକାଠି ହୋଇ ଆସିବ ନାହିଁ ବରଂ ଜଣ ଜଣ ହୋଇ ଓ ଦୁଇ ଦୁଇ ଜଣ ହୋଇ ନିର୍ଦ୍ଧାରିତ ସମୟରେ ଘାଟିରେ ପହଂଚିଯିବ ଓ ଶୋଇଥିବା ଲୋକକୁ ଜଗାଇବ ନାହିଁ ଏବଂ ନା ଅନୁପସ୍ଥିତ ବ୍ୟକ୍ତିକୁ ଅପେକ୍ଷା କରିବ । ଯେଉଁମାନେ ଉପସ୍ଥିତ ଅଛ ସେମାନେ ଆସିଯାଆନ୍ତୁ । ଅତଃ ଧାର୍ଯ୍ୟ ତାରିଖ ଦିନ ରାତିବେଳା ଅର୍ଥାତ ରାତିର ୩ ଭାଗରୁ ଭାଗେ ଯେତେବେଳେ ବିତିଯାଇଥିଲା ସେତେବେଳେ ହଜୁର ଏକାକି ଘରୁ ବାହାରିଲେ ଏବଂ ବାଟରୁ ନିଜ ଚଚା ହଜରତ ଅବ୍‌ବାସଙ୍କୁ ସାଥିରେ ନେଇଗଲେ, ସେ ଏପର୍ଯ୍ୟନ୍ତ ମୁସ୍‌ରିକ୍ ଅର୍ଥାତ ଅନେକେଶ୍ୱରବାଦୀ ଥିଲେ । କିନ୍ତୁ ସେ ହଜୁର ସ.ଅଙ୍କୁ ଅତି ପ୍ରେମ କରୁଥିଲେ, ଉଭେୟେ ଯାଇ ଉକ୍ତ ଘାଟିରେ ପହଂଚିଲେ । ଇତି ମଧ୍ୟରେ ଅନସାରମାନେ ମଧ୍ୟ ଜଣେ ଦୁଇ ଜଣକରି ଆସି ପହଂଚିଲେ ଏବଂ ଏମାନେ ୭୦ ଜଣ ଥିଲେ ଅୱ୍‌ସ୍ ଏବଂ ଖଜ୍‌ରଜ୍ କବିଲା ସହିତ ଏମାନଙ୍କର ସମ୍ପର୍କ ଥିଲା । ସର୍ବପ୍ରଥମେ ଅବ୍‌ବାସ୍ କିଛି କହିବା ଆରମ୍ଭ କଲେ କି ହେ ଖଜ୍‌ରହ୍‌ର ଦଳ ! ହଜରତ ମୁହମ୍ମଦ ନିଜ ବଂଶରେ ଜଣେ ମର୍ଯ୍ୟାଦା ପୂର୍ଣ୍ଣ ଓ ସଭିଙ୍କର ଅତି ପ୍ରିୟ ଅଟନ୍ତି ଏବଂ ଆଜି ପର୍ଯ୍ୟନ୍ତ ଆମ ପରିବାରବର୍ଗ ତାଙ୍କୁ ସୁରକ୍ଷା ପ୍ରଦାନ କରିଆସୁଅଛି । ସମସ୍ତ ପ୍ରତିକୂଳ ପରିସ୍ଥିତିରେ ତାଙ୍କ ସମ୍ମୁଖରେ ପାଚେରି ପରି ଦଣ୍ଡାୟମାନ ହୋଇଛି କିନ୍ତୁ ବର୍ତମାନ ତାଙ୍କର ମନବାଛା ଏହି କି ଯେ ସେ ନିଜ ଜନ୍ମଭୂମି ଛାଡ଼ି ମଦିନା ଯିବାକୁ ଚାହୁଁଛନ୍ତି । ଯଦି ତୁମେ ତାଙ୍କୁ ନିଜ ସାଥିରେ ନେଇଯିବାକୁ ଇଚ୍ଛୁକ ତେବେ ତୁମକୁ ତାଙ୍କର ସମସ୍ତ ପ୍ରକାର ସୁରକ୍ଷାର ବ୍ୟବସ୍ଥା କରିବାକୁ ହେବ ଏବଂ ପ୍ରତ୍ୟେକ ଶତ୍ରୁର ମୁକାବିଲା କରିବା ପାଇଁ ସମ୍ମୁଖକୁ ଆସିବାକୁ ହେବ । ଯଦି ତୁମେ ଏଥିପାଇଁ ପ୍ରସ୍ତୁତ ଅଛ ତେବେ ଠିକ୍ ନଚେତ୍ ବର୍ତମାନ ହିଁ ସ୍ପଷ୍ଟ ଭାବରେ କହିଦିଅ କାରଣ ସ୍ପଷ୍ଟ ଭାଷା ହିଁ ଉତମ ଅଟେ । ଅଲବରା ବିନ୍ ମାରୁର ଯେ ଅନସାର ଗୋଷ୍ଠୀର ଜଣେ ବୟୋଜ୍ୟେଷ୍ଠ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ, ସେ କହିଲେ ଅବ୍‌ବାସ ଆମେ ତୁମ କଥା ଶୁଣିନେଲୁ କିନ୍ତୁ ଆମେ ଚାହୁଁଛୁ କି ହଜୁର ସ.ଅ ନିଜ ପବିତ୍ର ମୁଖରୁ କିଛି କୁହନ୍ତୁ ଏବଂ ଯେଉଁ କର୍ତବ୍ୟ ଓ ଦାୟିତ୍ୱ ସେ ଆମ ଉପରେ ନ୍ୟସ୍ତ କରିବାକୁ ଚାହୁଁଛନ୍ତି ସେ ସ୍ୱୟଂ କୁହନ୍ତୁ । ଏଥିରେ ହଜୁର ସ.ଅ ପବିତ୍ର କୁରଆନର କିଛି ପଙ୍କ୍ତି ପାଠ କଲେ ଏବଂ ଏକ ସଂକ୍ଷିପ୍ତ ଅଭିଭାଷଣରେ ଇସଲାମର (ସୁନ୍ଦର) ଶିକ୍ଷା ଉପସ୍ଥାପ କରି ଅଲ୍ଲାଃ ଓ ଭକ୍ତଙ୍କ କର୍ତବ୍ୟ ସମ୍ବନ୍ଧରେ ବ୍ୟାଖ୍ୟା କରି କହିଲେ ମୁଁ ନିଜ ପାଇଁ କେବଳ ଏତିକି ଚାହୁଁଅଛି କି ଯେଭଳି ତୁମେ ନିଜ ପରିଜନ ଓ ବନ୍ଧୁବାନ୍ଧବଙ୍କର ସୁରକ୍ଷା କରୁଅଛ ସେହିପରି ଆବଶ୍ୟକ ସ୍ଥଳେ ମୋ ସହ ମଧ୍ୟ ସମାନ ଆଚରଣ କରିବ । ଯେତେବେଳେ ଆପଣ କହି ସାରିଲେ, ଅଲବରା ବିନ୍ ମାରୁର ଆରବର ପରମ୍ପରା ଅନୁଯାୟୀ ହଜୁର ସ.ଅଙ୍କ ପବିତ୍ର ହସ୍ତ ନିଜ ହାତରେ ନେଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆମେ ସେହି ପରମେଶ୍ୱରଙ୍କ ରାଣ ଖାଇ କହୁଅଛୁ ଯେ ଆପଣଙ୍କୁ ସତ୍ୟର ସହ ପ୍ରେରଣ କରିଛନ୍ତି ଆମେ ନିଜ ପ୍ରାଣ ପରି ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବୁ । ଆମେ ତରବାରୀର ଛାଇ ତଳେ ବଢିଛୁ । ସେ ନିଜର କଥା ଶେଷ କରିନଥିଲେ କି ଅବୁ ହୈଶମ୍ ବିନ୍ ତିହାନ୍ ତାଙ୍କ କଥାକୁ କାଟି କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମଦିନାର ୟହୁଦିଙ୍କ ସହ ଆମର ଅତି ପୁରୁଣା ସମ୍ପର୍କ ରହିଛି । ଆପଣଙ୍କ ସହ ମିଳିତ ହେବା ଦ୍ୱାରା ସେମାନେ ଆମ ଠାରୁ ଅଲଗା ହୋଇଯିବେ, ଏପରି ନହେଉ କି ଈଶ୍ୱର ଯେତେବେଳେ ଆପଣଙ୍କୁ ବିଜୟ ମଣ୍ଡିତ କରିବେ ସେତେବେଳେ ଆପଣ ଆମକୁ ଛାଡ଼ି ନିଜ ଜନ୍ମସ୍ଥାନକୁ ଫେରି ଆସିବେ ଫଳତଃ ଆମେ ନା ଏପଟର ହେବୁ ନା ସେପଟର । ଏଥିରେ ହଜୁର ହସି ଉଠିଲେ ଏବଂ କହିଲେ ନା ଏପରି କଦାପି ହେବ ନାହିଁ । **ତୁମ ରକ୍ତ ମୋ ରକ୍ତ ହେବ, ତୁମ ବନ୍ଧୁ ମୋର ବନ୍ଧୁ ହେବେ ଏବଂ ତୁମର ଶତ୍ରୁ ମୋର ଶତ୍ରୁ ହେବେ** । ଏଥିଅନ୍ତେ ଅବାସ ବିନ୍ ଅବାଦଃ ଅନସାରୀ ନିଜ ସାଥିମାନଙ୍କୁ ଚାହିଁ କହିଲେ ଲୋକମାନେ କ'ଣ ତୁମେ ଏହି ପ୍ରତିଜ୍ଞାର ମୂଲ୍ୟ ବୁଝଛ ? ଏହାର ଅର୍ଥ ତୁମମାନଙ୍କୁ ବର୍ତମାନ ସମସ୍ତ ଗୋରା କଳାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଅର୍ଥାତ ପ୍ରତ୍ୟେକ କୌମ୍‌ର ଯେଉଁ ଲୋକମାନେ ଅଛନ୍ତି ସେମାନେ ତୁମର ବିରୋଧୀ ହୋଇଯିବେ ତେଣୁ ସେମାନଙ୍କ ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରୁହ ଏବଂ ସବୁ ପ୍ରକାରର କୁର୍‌ବାନୀ କରିବାକୁ ପ୍ରସ୍ତୁତ ରହିବା ଉଚିତ । ଲୋକମାନେ ଏକସ୍ୱର ହୋଇ କହିଲେ ହଁ ଆମେ ଏହା ହୃଦୟଙ୍ଗମ କରୁଅଛୁ କିନ୍ତୁ ହେ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan